# ଗୋପାଳପୁରରେ ହସ୍ତତନ୍ତ ବସ୍ତ୍ର ବଜାର ଉଦ୍‌ଘାଟିତ




**କୁଆଖିଆ/ବାରବାଟୀ, ୨୨।୨ (ସମିସ):** ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଗୋପାଳପୁର ଛକ ନିକଟରେ ଆଜି ଅପରାହ୍ନରେ ହସ୍ତତନ୍ତ ବସ୍ତ୍ର ବଜାର ଉଦଘାଟିତ ହୋଇଛି। ଏଠାରେ ପୂର୍ବରୁ ରହିଥିବା ୧୦ ବଖରା ଘର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ଉନ୍ନତିକରଣ କରାଯାଇ ଏହି ବଜାର ହୋଇଛି। ଏଠାରେ ଏକ ବାଉଁଶ ଶିଳ୍ପ କାରିଗରିର ଷ୍ଟଲ୍ ମଧ୍ୟ ଖୋଲାଯାଇଛି। ଏହାକୁ ଉଦଘାଟନ କରି ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଜାତୀୟ ରାଜପଥ ପାର୍ଶ୍ୱରେ ରହିଥିବାରୁ ଏଠାରେ ବହିରାଗତ ଗ୍ରାହକ ଗୋପାଳପୁରର ହସ୍ତତନ୍ତ ବସ୍ତ୍ର ସିଧାସଳଖ କିଣିବା ସୁଯୋଗ ପାଇବେ ବୋଲି କହିଥିଲେ। ଏ ଅବସରରେ ଏକ ମହିଳା ସମାବେଶ ଏଠାରେ ଆୟୋଜିତ ହୋଇଥିଲା। ବରୀ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଗତ ୫ ବର୍ଷରେ ବରୀ ନିର୍ବାଚନ ମଣ୍ଡଳୀରେ ସେ କରିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ବିଜେଡି ସଭାପତି ସବିତା ରାଉତ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ୩୫ ନଂ ଜିଲ୍ଲା ପରିଷଦ ସଦସ୍ୟା ଶଶୀରେଖା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ ଦାସ ଧନ୍ୟବାଦ ଦେଇଥିଲେ।

# ସିଂହପୁରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ସିଂହପୁର, ୨୨।୨(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରୀର ପଣ୍ଡିତ ସୂର୍ଯ୍ୟନାରାୟଣ ନାଥଶର୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବ ବିମାନଙ୍କୁ ବିଧି ମୁତାବକ ପୂଜା ପାଠ ପରେ ସମଗ୍ର ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଭଜନ, କୀର୍ତ୍ତନ, ଗଣ୍ଟୁଆ ନାଚ, ଲଉଡ଼ି ଖେଳ ସହିତ ଗ୍ରାମର ଆବାଳ ବୃଦ୍ଧ ବନିତାଙ୍କ ହରିବୋଲ ହୁଳହୁଳିରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ମହିଳାମାନେ ଦ୍ୱାର ସମ୍ମୁଖରେ ଚିତା ଝୋଟି ପକାଇ ବିମାନଙ୍କୁ ସ୍ୱାଗତ କରିବା ସହ ବନ୍ଦାପନା କରିଥିଲେ। ସନ୍ଧ୍ୟାରେ ପଣ୍ଡିତ ନାଥଶର୍ମାଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ପାଦକ ମଳୟ କୁମାର ଥାଟୋଇ, ସଭାପତି ପ୍ରଦୀପ କୁମାର ଜେନା, ରାମ ନାରାୟଣ ବଳିୟାରସିଂ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଅମରେନ୍ଦ୍ର ଜେନା, ଅମୀୟ ଧଳ, ସୁଧାଂଶୁ ଧଳ, ସୁଶାନ୍ତ କୁମାର ନାୟକ, ଅନନ୍ତ ସାହୁ ନାରାୟଣ ଚନ୍ଦ୍ର ଦାସ, ରତ୍ନାକର ସାହୁ, ଇଂ ପଦ୍ମନାଭ ଦାଶ, ସମିତିସଭ୍ୟା ଭାଗ୍ୟବତୀ ଧଳ, ପୂଜକ ରଗୁନାଥ ଦାଶ, ସୁବାସ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଥାଟୋଇ, ବିଶ୍ୱଜିତ ଧଳ, ଜ୍ଞାନେନ୍ଦ୍ର ବେଉରିଆଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଓ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଟରଙ୍ଗା ପଞ୍ଚାୟତ ଗଠନକୁ ୭ ବର୍ଷ ପୂରିଲା

# ଅଧାରେ ଅଟକିଛି ପଞ୍ଚାୟତ ଗୃହ ନିର୍ମାଣ କାମ

**କୋରେଇ, ୨୨।୨(ସମିସ)**

ପଞ୍ଚାୟତ ସ୍ତରରେ ଶାସନକୁ ଦୃଢ଼ ଓ ଲୋକାଭିମୁଖୀ କରାଇବା ପାଇଁ ସରକାର ନୂତନ ପଞ୍ଚାୟତ ସୃଷ୍ଟି କରୁଛନ୍ତି। ଏଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଯୋଗାଇ ଦେଉଛନ୍ତି। କିନ୍ତୁ ଅନେକ ସ୍ଥାନରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ କି ଗୋଷ୍ଠୀ କନ୍ଦଳ ଅବା ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁଁ ଅନେକ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନାଁ ଧରୁନାହିଁ। ବର୍ଷ ବର୍ଷ ଧରି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହୁଛି। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତରେ। ପାଟରଙ୍ଗା ପଞ୍ଚାୟତଟି ନୂତନ ଭାବେ ଗଠନ ହେବାକୁ ୭ ବର୍ଷ ପୂରିଲାଣି। ପରିତାପର ବିଷୟ ଏହାର କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। କେବେ ସରିବ ବୋଲି ପଞ୍ଚାୟତବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି ହେବା ସହ ଅସନ୍ତୋଷ ପ୍ରକାଶ ପାଉଛି। ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ମଧ୍ୟ ପୂରଣ ହୋଇପାରୁନାହିଁ। ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

୨୦୧୭ରେ ତଳଗଡ଼ ପଞ୍ଚାୟତ ବିଭାଜିତ ହୋଇ ତଳଗଡ଼ ଓ ପାଟରଙ୍ଗା ପଞ୍ଚାୟତ ଗଠିତ ହୋଇଥିଲା। ଏହି ପଞ୍ଚାୟତଟି ପାଟରଙ୍ଗା, ଅଶୋକଝର, ଗୋହିରାଗଡ଼ିଆ, ଅରଣ୍ୟମଦନା, ମଣ୍ଡପଡ଼ା, ଉପରଗଡ଼ ଆଦି ୬ଟି ଗ୍ରାମ ଓ ୧୨ଟି ୱାର୍ଡକୁ ନେଇ ଗଠିତ ହୋଇଥିବାବେଳେ ଏହାର ଭୋଟର ସଂଖ୍ୟା ୩୫ ଶହରୁ ଅଧିକ। ଇତିମଧ୍ୟରେ ନୂତନ ପଞ୍ଚାୟତ ଭାବେ ୭ ବର୍ଷ ବିତିବାକୁ ବସିଥିବାବେଳେ ଜଣେ ସରପଞ୍ଚ ଯାଇ ଆଉ ଜଣେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ନୂତନ ସରପଞ୍ଚଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୫ ଲକ୍ଷ ଟଙ୍କା ଅନୁଦାନରେ ଆରମ୍ଭ ହୋଇଥିବା ପଞ୍ଚାୟତ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ରାଜନୈତିକ କନ୍ଦଳ ଯୋଗୁ ଏହି ଗୃହ କାର୍ଯ୍ୟକୁ ଅଧାରେ ଅଟକାଇବାକୁ ବିଭାଗ ବାଧ୍ୟ ହୋଇଛି ବୋଲି ଆଲୋଚନା ହେଉଛି। ଫଳସ୍ୱରୂପ ପଞ୍ଚାୟତ କାର୍ଯ୍ୟାଳୟଟି ମିଶନ ଶକ୍ତି ଗୃହରେ ଚାଲୁଥିବାର ଖବର ମିଳିଛି। ଖବର ମୁତାବକ ଏହି କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୨୦୧୭-୧୮ରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜମି ଚିହ୍ନଟ ପରେ ମନ୍ଥର ଗତିରେ କାର୍ଯ୍ୟ ଆରମ୍ଭ ହେଲା। ତଳ ମହଲାର ଛାତ ପଡ଼ିବା ପରେ ଦ୍ୱିତୀୟ ମହଲା ପାଇଁ କାନ୍ଥ ଉଠିଲା। କିନ୍ତୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ଆହୁରି ୨୫ ଲକ୍ଷ ଟଙ୍କା କାମ ହେବା ପାଇଁ ଥିବାବେଳେ ହଠାତ୍ ଏ ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଥିଲା। ଏ ପର୍ଯ୍ୟନ୍ତ କିଏ ଓ କାହିଁକି ଏହି ଗୃହ ନିର୍ମାଣରେ ବାଧକ ହୋଇ ବନ୍ଦ କରିଛି ପଚାରିଲେ ବିଭାଗ ପକ୍ଷରୁ ସଠିକ୍ ଉତ୍ତର ମିଳିପାରୁନାହିଁ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମୀନା କୁମାରୀ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ ସନ୍ତୋଷଜନକ ଉତ୍ତର ନ ଦେଇ କେବଳ ବନ୍ଦ କରାଯାଇଥିବା କଥା ପ୍ରକାଶ କରିଥିଲେ। କିଏ ବନ୍ଦ କରିଛି କରିଛି ବୋଲି ପଚାରିବାରୁ ଫୋନ୍ କାଟି ଦେଇଥିଲେ। ପଞ୍ଚାୟତର ନିଜସ୍ୱ ଗୃହ ନ ଥିବାରୁ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ଅଫିସ କାର୍ଯ୍ୟ, ବିଭିନ୍ନ ଭତ୍ତା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସାଧାରଣ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସରପଞ୍ଚ ରଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି। କେଉଁ ପରିପ୍ରେକ୍ଷୀରେ ଏହାର ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଛି, ତାହା ଜାଣି ନଥିବା ସହ ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି କହିଥିଲେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି।

# କଂକ୍ରିଟ ଉପରେ କଂକ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଦାନଗଦି, ୨୨।୨(ସମିସ):** କଂକ୍ରିଟ ରାସ୍ତା ଉପରେ ଆଉଏକ କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ରଣାଗୁଣ୍ଡି ପଞ୍ଚାୟତ ବାରାଖାଇ ଗ୍ରାମବାସୀ ଠିକାଦାରଙ୍କ କାମକୁ ବିରୋଧ କରିଛନ୍ତି। ସେମାନଙ୍କ କହିବା କଥା ହେଲା ଆମ ଗାଁ କଂକ୍ରିଟ ରାସ୍ତା ପୂର୍ବରୁ ଭଲ ଥିଲା। ଏହି ରାସ୍ତା ଉପରେ ୪ ଇଞ୍ଚର ଆଉଏକ କଂକ୍ରିଟ ଢ଼ଳେଇ ରାସ୍ତା ନିର୍ମାଣ କରାଯାଉଛି। ଯାହାକି ଅତି ନିମ୍ନମାନର ଭାବେ କରାଯାଉଛି। ବାରାଖାଇ ଗାଁ ମୁଖ୍ୟ ରାସ୍ତାର ପଲ୍ଲିଶ୍ରୀ ହାଇସ୍କୁଲ ନିକଟରେ ପୁରୁଣା କଂକ୍ରିଟ୍ ରାସ୍ତା ଉପରେ ୪ ଇଞ୍ଚର ନୂତନ ରାସ୍ତା ନିର୍ମାଣ ହେଉଛି। ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନ ସାଢେ ୪ ଲକ୍ଷ ଟଙ୍କାରେ ଏହି ରାସ୍ତା ନିର୍ମାଣାଧୀନ ରହିଛି। ମାତ୍ର ଏହି ରାସ୍ତା ନିର୍ମାଣ ପାଇଁ କେତେ ଅନୁଦାନ ଖର୍ଚ୍ଚ ହେଉଛି ଓ କାମଟି କେଉଁ ପ୍ରକାର ନିର୍ମାଣ ହେବ ସେ ନେଇ ଏପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଏହି ସୁଯୋଗରେ ଲୋକଙ୍କୁ ଅନ୍ଧାରରେ ରଖାଯାଇ ନିମ୍ନମାନର ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବାବେଳେ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ କିପରି ରାସ୍ତା ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା ସଫା କରାଯାଇନାହିଁ କିମ୍ବା ଭଙ୍ଗା ଅଂଶକୁ ଖୋଳାଯାଇନାହିଁ।



ସେହିପରି କଂକ୍ରିଟ୍ ପୂର୍ବରୁ ସେଠାରେ ସିମେଣ୍ଟ ଘୋଳା ମଧ୍ୟ ଦିଆଯାଉନାହିଁ। ଏ ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ବନୀତା ଜେନାଙ୍କୁ ପଚାରିବାରୁ ମିସ୍ତ୍ରି ଆସିଲେ ବୋଲି ହଠାତ କାମ ଆରମ୍ଭ ହୋଇଗଲା ବୋଲି କହିଥିଲେ। ଫଳକ ଲଗାଇବା ପାଇଁ କୁହାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଲଗାହୋଇ ନ ଥିବା ସେ ସ୍ୱୀକାର କରିଥିଲେ।

## ଯୁବକଙ୍କ ମୃତ୍ୟୁ

କର୍ୟାଁଗୋଲା, ୨୨/୨(ସମିସ): ଦଶରଥପୁର ବ୍ଲକ କଁୟା ପଞ୍ଚାୟତ ଦୁବକଣ ଗ୍ରାମର ହରି ମଲ୍ଲିକଙ୍କ ପୁଅ ସଞ୍ଜୀବ ମଲ୍ଲିକଙ୍କ ମୃତ୍ୟୁ ହୋଇଛି। କୀଟନାଶକ ପକାଇବାକୁ ଯାଇଥିଲେ ସଞ୍ଜୀବ। ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଘର ଲୋକେ ଗରବନ୍ଧ ନିକଟସ୍ଥ ଡାଲୁଅ ବିଲରୁ ଅଚେତ ଅବସ୍ଥା ଉଦ୍ଧାର କରି ମଙ୍ଗଳପୁର ମେଡିକାଲ ଆଣିଥିଲେ। ଡକ୍ଟର ତାଙ୍କୁ ତୁରନ୍ତ ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୀବ ମଲ୍ଲିକ ଗରିବ ଶ୍ରେଣୀୟ ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ସରକାରୀ ସହାୟତା ଦାବି କରାଯାଇଛି।

## ପାଉଁଶ ଧୂଳିରେ ଜନଜୀବନ ଅସ୍ତବ୍ୟସ୍ତ



**କବାଟବନ୍ଧ, ୨୨।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର କନ୍ତପଡ଼ା ଛକ ନିକଟରେ ଅଣନିଶ୍ୱାସୀ କରୁଛି ରାସ୍ତା କାମରେ ବ୍ୟବହୃତ ପାଉଁଶ। ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ପାଇଁ ପାହାଡ଼ ଭଳି ଗଚ୍ଛିତ ରହିଥିବା ବିଷାକ୍ତ ପାଉଁଶ ଉଡ଼ି ଜନସାଧାରଣଙ୍କୁ କଲବଲ କରୁଛି। ଠିକା ସଂସ୍ଥା ପକ୍ଷରୁ ଏହା ବହୁ ଉଚ୍ଚତା କରି ଗଚ୍ଛିତ ରଖାଯାଇଥିବା ସହିତ ଏହା ଉପରେ କେବେ ବି ପାଣି ସିଞ୍ଚନ କରାଯାଉନାହିଁ ବୋଲି ଗୁରୁତର ଅଭିଯୋଗ ହେଉଛି। ପାଉଁଶ ଏତେ ଉଚ୍ଚତା ପର୍ଯ୍ୟନ୍ତ ରଖାଯାଇଛି ଯାହା ଉପରେ ସାଧାରଣ ଭାବେ ପାଣି ସିଞ୍ଚନ କରିବା ଅସମ୍ଭବ ଅଟେ। ଠିକା ସଂସ୍ଥାର ଏଭଳି ମନମାନି ପାଇଁ ଜନ ଅସନ୍ତୋଷ ଦେଖାଦେଇଛି। ଏହା ନିକଟରେ ଥିବା ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ଚାଷ ଜମି ଉପରେ ପାଉଁଶର ଆସ୍ତରଣ ସୃଷ୍ଟି ହୋଇଛି। ଦିନ ସମୟରେ ମଧ୍ୟ ଏହା କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ଏଭଳି ପାଉଁଶ ଗଦାକୁ ତୁରନ୍ତ କାମରେ ଲଗାଇବା ସହିତ ପାଣି ସିଞ୍ଚନ କରିବାକୁ ଦାବି ହେଉଛି।

# ବିଧାୟକଙ୍କ ପାଣ୍ଠିରୁ ଭିନ୍ନକ୍ଷମଙ୍କୁ ଇ-ଟ୍ରାଇସାଇକଲ ବଣ୍ଟନ

**ଧର୍ମଶାଳା, ୨୨।୨(ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ ଯେଉଁ କାମ ହାତକୁ ନେଇଛନ୍ତି ତାହା ଧର୍ମଶାଳାରେ ପ୍ରଥମେ କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ଆଜି ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି। ଭିନ୍ନକ୍ଷମଙ୍କୁ ସରଳ ଓ ସୁସ୍ଥ ଜୀବନଯାପନ ପାଇଁ ଏକ ଅଭିନବ ପଦକ୍ଷେପ ନେଇଛନ୍ତି ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ। ତାଙ୍କ ନିଜସ୍ୱ ପାଣ୍ଠିରୁ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସେମାନଙ୍କ ପାଇଁ ନୂଆ ଯୋଜନା ହାତକୁ ନେଇଛନ୍ତି। ଭିନ୍ନକ୍ଷମ କିପରି ସୁବିଧାରେ ନିଜ ପରିବାର ପ୍ରତିପୋଷଣ କରିପାରିବେ, ସେ ନେଇ ସେମାନଙ୍କୁ ବ୍ୟାଟେରୀଚାଳିତ ଟ୍ରାଇସାଇକଲ ପ୍ରଦାନ କରିଛନ୍ତି।




ଆଜି ପ୍ରଥମ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ଭିନ୍ନକ୍ଷମଙ୍କୁ ବ୍ୟାଟେରୀଚାଳିତ ଟ୍ରାଇସାଇକଲ ପ୍ରଦାନ କରିଛନ୍ତି। ପ୍ରଥମ ଦିନରେ ୧୯ ଜଣ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏହି ସାଇକଲ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ଏହି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଏହି ଇ-ସାଇକଲ ପ୍ରଦାନ କରାଯିବ ବୋଲି ବିଧାୟକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଇ-ସାଇକଲ ପାଇଁ ସେମାନେ ବହୁ ଖୁସି ଥିବା ପ୍ରକାଶ କରିଛନ୍ତି। ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରସୁଲପୁର ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ଭିତ୍ତିପ୍ରସ୍ତର ସ୍ଥାପନ

ବାରବାଟୀ/ କୁଆଖିଆ, ୨୨।୨(ସମିସ): ରସୁଲପୁର ବ୍ଲକ କଳଣଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ପାଇଁ ଆଜି ଅପରାହ୍ନରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଛାତ୍ରାବାସ ପାଇଁ ୩.୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ହେବ। ଚଳିତ ବର୍ଷ ଅକ୍ଟୋବର ମାସ ୧୭ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ନିର୍ଦ୍ଧାରିତ ସମୟରେ ନିର୍ମାଣ ଶେଷ କରିବାକୁ ବିଧାୟକ ସମ୍ପୃକ୍ତ ଏଜେନ୍ସି ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଳଣଠାରେ ଥିବା ଆଦର୍ଶ ବିଦ୍ୟାଳୟର ଶ୍ରେଣୀ ଗୃହ ନିର୍ମାଣାଧୀନ ଥିବାରୁ ବର୍ତ୍ତମାନ ଏହି ବିଦ୍ୟାଳୟ ମଧୁପୁର ହାଇସ୍କୁଲ ଘରେ ଚାଲୁଛି। ଆଜି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପାତ୍ର, ସମିତିସଭ୍ୟ ଦୋଳଗୋବିନ୍ଦ ମଲିକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ୍ୱର ସାହୁ, ସହକାରୀ ଯନ୍ତ୍ରୀ ବିରେନ ବସୁ ପ୍ରମୁଖ ଉପସ୍ଥିତ ଥିଲେ।



## ଆଡଭୋକେଟ କୃତ୍ତିବାସ ପଣ୍ଡା ଅତିରିକ୍ତ ସରକାରୀ ଆବେଦନକାରୀ ନିଯୁକ୍ତ

**ଯାଜପୁର ଟାଉନ, ୨୨।୨(ସମିସ):** ଓଡ଼ିଶା ଆଇନ ଅଧିକାରୀ ନିୟମ ୧୯୭୧ ଅନୁଯାୟୀ ଆଡଭୋକେଟ କୃତ୍ତିବାସ ପଣ୍ଡାଙ୍କୁ ଯାଜପୁର ଜିଲ୍ଲାର ଅତିରିକ୍ତ ସରକାରୀ ଆବେଦନକାରୀ ଭାବେ ନିଯୁକ୍ତ କରାଯାଇଛି। ଏହାଦ୍ୱାରା ଆଡ଼ଭୋକେଟ କୃତ୍ତିବାସ ପଣ୍ଡା ଦେୱାନୀ ମାମଲାର ତଦାରଖ କରିବେ। କୃତ୍ତିବାସ ପଣ୍ଡାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଆଡଭୋକେଟ ପଣ୍ଡା ଜଣେ ଦକ୍ଷ ଓକିଲ ଭାବେ ବିଭିନ୍ନ ବ୍ୟାଙ୍କର ମାମଲା ତଦାରଖ କରୁଥିବାବେଳେ ପୁଣି ଏକ ନୂଆ ଦାୟିତ୍ୱ ମିଳିଛି। ନୂତନ ଦାୟିତ୍ୱକୁ ଶ୍ରୀ ପଣ୍ଡା ସୁଚାରୁରୂପେ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି।

## ଚୋରାମଦ ଜବତ, ୨ ଗିରଫ

**କବାଟବନ୍ଧ, ୨୨।୨ (ସମିସ):** ଯାଜପୁର ରେଞ୍ଜ ଓ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସକାଳେ ଧର୍ମଶାଳା ଥାନା ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଚୋରାମଦ ଜବତ କରାଯିବା ସହ ୨ ଜଣକୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଦୁଇଜଣ ହେଲେ ଏହି ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ବଟ ମଲିକଙ୍କ ପୁଅ ବ୍ରଜବନ୍ଧୁ ମଲିକ, କାନପୁର ଗ୍ରାମର ଭ୍ରମର ମଲିକଙ୍କ ପୁଅ ଶେଷଦେବ ମଲିକ(୪୫)ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ସୂଚନା ମୁତାବକ ଧର୍ମଶାଳା ଥାନା ଅନ୍ତର୍ଗତ ରଘୁନାଥ ଗ୍ରାମରେ ଚଢ଼ଉ କରି ବ୍ରଜବନ୍ଧୁଙ୍କୁ ଗିରଫ କରିବା ସହିତ ତା'ନିକଟରୁ ୭୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ସେହିପରି କାନପୁର ଗ୍ରାମ ରାସ୍ତାରେ ଶେଷଦେବ ମଦ ବିକ୍ରି କରୁଥିବା ସମୟରେ ତାକୁ ଗିରଫ କରିବା ସହିତ ତା' ନିକଟରୁ ୭୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଯାଜପୁର ଅବକାରୀ ସୁପରିଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ଅନୀତା ଓଝା, ଏସଆଇ ଜୟନ୍ତୀ ଆଚାର୍ଯ୍ୟ, ଏଏସଆଇ ଗୟାଧର ସେଠୀ, ସରୋଜ କୁମାର ବେହେରା, କନେଷ୍ଟବଳ ଶିଶିର ପ୍ରଧାନ, ରୀତାରାଣୀ ସେଠୀ ପ୍ରମୁଖ ସାମିଲ ଥିଲେ।

## ବ୍ୟାସ ସରୋବର ମହୋତ୍ସବର ତୃତୀୟ ଦିବସ

# ମନମୋହିଲା ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ଗୀତ








**ବ୍ୟାସନଗର, ୨୨।୨(ସମିସ)**

ମଙ୍ଗଳବାର ଆରମ୍ଭ ହୋଇଥିବା ବ୍ୟାସ ସରୋବର ମହୋତ୍ସବ ଆଜି ତୃତୀୟ ଦିବସରେ ପହଞ୍ଚିଛି। ଦିନକୁ ଦିନ ମହୋତ୍ସବ ଲୋକାରଣ୍ୟ ହେଉଥିବାବେଳେ ଆଗକୁ ଛୁଟି ଦିନ ରହିଥିବାରୁ ଓ ଓଲିଉଡର ନାମୀଦାମୀ କଳାକାର ଯୋଗଦାନ କରୁଥିବାରୁ ଦର୍ଶକଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଗୁରୁବାର ମହୋତ୍ସବର ତୃତୀୟ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କାର୍ଯ୍ୟକ୍ରମ ପରିବେଷିତ ହୋଇଯାଇଛି। ଦୁଇ ପିଢିର କଳାକାର ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବା ସହିତ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥଲେ। ବିଶେଷକରି କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ମନମୁଗ୍ଧକର ଥିଲା। ଆଧୁନିକ ସଙ୍ଗୀତର ତାଳେ ତାଳେ ଏହି କୁନି ପ୍ରତିଭାମାନେ ବହୁ ସମୟ ଧରି ଦର୍ଶକଙ୍କ ମନୋରଞ୍ଜନ କରିବାରେ ତିଳେମାତ୍ର କୁଣ୍ଠାବୋଧ କରିନଥିଲେ।

ସେହିପରି ମହୋତ୍ସବ ସ୍ଥଳରେ ରହିଥିବା ସେଲ୍‌ଫି ପଏଣ୍ଟରେ ଦର୍ଶକମାନେ ସେଲଫି ନେଇ ଭରପୁର ମଜା ଉଠାଇବାର ଦୃଶ୍ୟ ଦେଖିବାକୁ ମିଳିଛି। ମହୋତ୍ସବସ୍ଥଳରେ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗଆ, ଉପନଗରପାଳ ସୁବାସ ଚନ୍ଦ୍ର ବଳ ଓ ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଗୁରୁବାରର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବ୍ୟାସନଗର ପୌର ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୧ରେ ଧର୍ମଶାଳା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

**ଧର୍ମଶାଳା, ୨୨।୨ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଂଗଠନ ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ ଆସନ୍ତା ମାର୍ଚ୍ଚ ୧ ତାରିଖରେ ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଜାରକାସ୍ଥ ପ୍ରେସ କ୍ଲବ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକ ବିବରଣୀ ପାଠ କରିବା ସହ ବାର୍ଷିକ ଉତ୍ସବର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ପ୍ରମୁଖ ଯୋଗଦେବେ। ପ୍ରେସ କ୍ଲବର ବାର୍ଷିକ ମୁଖପତ୍ର ପ୍ରହରୀ ଉନ୍ମୋଚନ ହେବା ସହ ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କୁ ଚଳିତ ବର୍ଷ ନରହରି ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ସାରସ୍ୱତ ସାଧକ ସମ୍ମାନରେ ବିଶିଷ୍ଟ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ସଫଳ ମହିଳା ଉଦ୍ୟୋଗୀ ଭାବେ ବାସନ୍ତୀ ରଣା, ଜୀବନବ୍ୟାପୀ ସାଧନା ସମ୍ମାନରେ ବସନ୍ତ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଦସ୍ୟ ନାରାୟଣ ଜେନା, ଅଭିମନ୍ୟୁ ପଣ୍ଡା ଓ ପ୍ରେମଲତା ଜେନାଙ୍କୁ ସମ୍ମାନିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ, ସହସମ୍ପାଦକ ମାନସ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ବିବେକାନନ୍ଦ ରାୟ, ଗିରିଧାରୀ ବେହେରା, ବିକ୍ରମ କେଶରୀ ମହାନ୍ତି, ଅନୀଲ ନାୟକ, ସୁବ୍ରତ ଜେନା, କିଶୋର ରାଉତ, ରଶ୍ମିରଞ୍ଜନ ରାୟ, ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।



## ଦାନଗଦି ତହସିଲ ଅଞ୍ଚଳରେ ମାତିଛନ୍ତି ଜମି ମାଫିଆ

# କୋର୍ଟ ନିର୍ଦ୍ଦେଶ ନ ମାନି ଚାଲିଛି ନିର୍ମାଣ କାର୍ଯ୍ୟ

**ଯାଜପୁର, ୨୨।୨(ସମିସ):**



ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ସରକାର ସ୍ୱତନ୍ତ୍ର ନିୟମ ଆଣିଛନ୍ତି। ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ତଥାପି କଳିଙ୍ଗନଗର

■ **କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ବିକି ମାଲେମାଲ୍**

ଶିଳ୍ପାଞ୍ଚଳ ଅଧୀନସ୍ଥ ଦାନଗଦି ତହସିଲ ଅଞ୍ଚଳରେ ଉକ୍ତ ନିୟମକୁ ଆଦୌ ପାଳନ କରାଯାଉନାହିଁ। ଫଳରେ ଏହି ତହସିଲ ଅଞ୍ଚଳରେ ଥିବା ଶହ ଶହ ଏକର ସରକାରୀ ଜମିକୁ ଜମି ମାଫିଆ ନିଜ କବଜାକୁ ନେଇ ତାକୁ ବେଆଇନ ଭାବେ ବିକ୍ରି କରୁଥିବା ନଜରକୁ ଆସୁଛି। କୋଟି କୋଟି ଟଙ୍କା ମୂଲ୍ୟର ଏହି ସରକାରୀ ଜମିକୁ ମାଫିଆମାନେ ମନଇଚ୍ଛା ବିକ୍ରି କରି ବେଶ୍ ମୁନାଫା କରୁଥିବା ଚର୍ଚ୍ଚା ହେଉଛି। କେତେକ ସ୍ଥାନରେ ସ୍ଥାନୀୟ ଗ୍ରାମବାସୀ ଉକ୍ତ ସରକାରୀ ଜମିକୁ ସୁରକ୍ଷା ଦେବାକୁ ଉଦ୍ୟମ କରି ଅଦାଲତଙ୍କ ସ୍ଥଗିତାଦେଶ ଥାଇ ମଧ୍ୟ ମାଫିଆମାନେ ଏହାକୁ ଅମାନ୍ୟ କରି ପୂର୍ବ ଭଳି ନିଜର କାରବାର ଜାରି ରଖିଛନ୍ତି। ଉଦାହରଣ ସ୍ୱରୂପ ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ମୌଜାକୁ ନିଆଯାଇପାରେ।

ଯଖପୁରା ମୌଜାରେ ଥିବା ମୋଟ ୨୨.୫ ଏକର ଜମିକୁ ମାଫିଆମାନେ ବେଆଇନ୍ ଭାବେ ନିଜ କବ୍‌ଜାକୁ ନେବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏହି ଜମିର ସୁରକ୍ଷା ପାଇଁ ଅତିରିକ୍ତ ଜିଲ୍ଲା ଜଜ ଯାଜପୁର ରୋଡ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ଉକ୍ତ ମାମଲାର ଶୁଣାଣି କରି ମୂଳ ମକଦ୍ଦମାର ଫୈସଲା ହେବା ପର୍ଯ୍ୟନ୍ତ ଜମିର ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପକ୍ଷ କୌଣସି ପରିସ୍ଥିତିରେ ମକଦ୍ଦମା ଚାଲୁଥିବା ଜମିର ଅବସ୍ଥା, ପ୍ରକୃତି, ଗୁଣ, ଚରିତ୍ର, ସୌନ୍ଦର୍ଯ୍ୟ ପରିବର୍ତ୍ତନ କରିପାରିବେ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଅଦାଲତଙ୍କ ଏହି ରାୟକୁ ଅବମାନନା କରି ସ୍ଥାନୀୟ ଅଞ୍ଚଳର ମାଫିଆମାନେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରି ବେଆଇନ ଭାବେ ଜୋର୍ ଜବରଦସ୍ତ ୪/୫ ଫୁଟ ଗାତ ଖୋଳି ପଥର ପାଚେରି ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଉକ୍ତ ଜମିକୁ ମଧ୍ୟ ମାଫିଆ ବିକ୍ରି ଖର୍ଦ୍ଦି କରୁଥିବା ଦେଖିବାକୁ ମିଳିଛି। ଯାହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ ସ୍ଥାନୀୟ ପୁଲିସ ମାଫିଆଙ୍କୁ ସୁରକ୍ଷା ଦେଉଥିବାରୁ ଗ୍ରାମବାସୀ ଭୟଭିତ ଅଛନ୍ତି। କୋର୍ଟ ଆଦେଶର ନକଲ ଥାନାରେ ଦାଖଲ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଗୁହାରି କରିଥିଲେ ମଧ୍ୟ ଯଖପୁରା ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ମାଫିଆମାନେ ବିଶେଷ ସକ୍ରିୟ ହୋଇ ଉଠିଛନ୍ତି। ଗ୍ରାମବାସୀ ଉକ୍ତ ଜାଗାରେ ଆବହନ କାଳରୁ ବିଭିନ୍ନ ପ୍ରକାରର ସାମୂହିକ, ଆନୁଷ୍ଠାନିକ କାର୍ଯ୍ୟକ୍ରମ କରିଆସୁଛନ୍ତି। ଯଦି ଉକ୍ତ ଜମି କୌଣସି ବ୍ୟକ୍ତିର ବ୍ୟକ୍ତିଗତ ମାଲିକନା ବା ଦଖଲକୁ ଚାଲିଯାଏ ଯଖପୁରା ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହେବେ। ଏପରିକି ପ୍ରଶାସନ ପକ୍ଷରୁ ସଠିକ ସମୟରେ ସଠିକ ନିଷ୍ପତ୍ତି ନ ନେଲେ ଉକ୍ତ ଜମି ଉପରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ତେଣୁ ଏବେଠାରୁ ପ୍ରଶାସନ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଭୋଟର ସଚେତନତା ଶିବିର ଅନୁଷ୍ଠିତ

**ବାଲିକୁଦା, ୨୨।୨(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଭୋଟର କିପରି ଇଭିଏମ ଓ ଭିଭିପାଟ୍ ମେସିନ୍ ସାହାଯ୍ୟରେ ଭୋଟଦାନ କରିପାରିବେ, ସେ ନେଇ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ପଞ୍ଚାୟତରେ ଭୋଟରଙ୍କୁ ଜନସଚେତନତା କରାଯାଉଛି। ଏ ପରିପ୍ରେକ୍ଷୀରେ ବଡଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତର ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଇଭିଏମ ଓ ଭିଭିପାଟ୍ ପ୍ରଦର୍ଶନ କରାଯାଇ ଭୋଟରମାନେ କିପରି ନିଜର ମୂଲ୍ୟମାନ ଭୋଟ ନିଜ ମନ ମୁତାବକ ପ୍ରାର୍ଥୀଙ୍କୁ ଦେଇପାରିବେ ସେ ବିଷୟରେ ବଡଚଣା ବ୍ଲକରୁ ଆସିଥିବା ଅଧିକାରୀ ରମେଶ ନନ୍ଦ ଭୋଟରମାନଙ୍କୁ ସେ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏଲଓ ବିଜୟ କୁମାର ପରିଡ଼ା ଓ ଦୁଃଶାସନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ରାକେଶ କୁମାର ବାରିକ, ଦେବଶ୍ରୀ ଜେନା, ସୁଷମାରାଣୀ ବାରିକ, ରହେବରୀ ବିବି, କାଳନ୍ଦୀ ଘଡ଼ାଇ, ଅର୍ଜୁନ ଘଡ଼ାଇ, ଶତ୍ରୁଘ୍ନ କବାଟ ପ୍ରମୁଖ ଯୋଗ ଦେଇଥିଲେ।

## ହାଜିରହିମିଆଁ ହାଇସ୍କୁଲ ପୁରସ୍କୃତ



**ବ୍ରହ୍ମବରଦା, ୨୨।୨(ସମିସ):** ଶିକ୍ଷାର ମାନ ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ଉଦ୍ୟମ ଜାରି ରହିଛି। ଯେଉଁ ବିଦ୍ୟାଳୟ ସବୁ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରୁଛନ୍ତି, ରାଜ୍ୟ ସରକାର ଉତ୍ସାହିତ କରିବା ପାଇଁ ପୁରସ୍କୃତ କରୁଛନ୍ତି। ଏ ପରିପ୍ରେକ୍ଷୀରେ ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୨୦୨୩-୨୪ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଅର୍ଜନ କରି ବିଦ୍ୟାଳୟ ସାରା ଅଞ୍ଚଳ ପାଇଁ ଗୌରବ ଆଣିଛି। ଯାଜପୁର ଚଇନିପୁରସ୍ଥ ସୁଦର୍ଶନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳଙ୍କୁ ମୁଖ୍ୟଅତିଥି ଯାଜପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣି ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭଶ୍ରୀ ଶୁଭଦର୍ଶିନୀ ସାହୁଙ୍କୁ ଏକାଡେମିକ ସମ୍ମାନ ସହ ଛାତ୍ର ଶିବପ୍ରସାଦ ବେହେରା ଓ ଛାତ୍ରୀ ପ୍ରତିଭା ଗିରିଙ୍କୁ ନେତୃତ୍ୱ ବିକାଶ ପାଇଁ ପୁରସ୍କୃତ କରାଯାଇଛି। ରସୁଲପୁର ବ୍ଲକରେ ଉକ୍ତ ବିଦ୍ୟାଳୟଟି ଏକକ ଭାବେ ସଫଳତା ପାଇଥିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ଏହାର ସବୁ ଶ୍ରେୟ ସମସ୍ତ ଶିକ୍ଷା କର୍ମଚାରୀ, ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ଦେଇଛନ୍ତି। ଚଳିତବର୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜିଲ୍ଲା ସ୍ତରରେ ୧୫୮ ଜଣ, ମଣ୍ଡଳ ସ୍ତରରେ ୧୦୧୦ ଜଣ, ନେତୃତ୍ୱ ବିକାଶ ପ୍ରତିଭାରେ ୮୧୮ ଜଣ, ମାଧ୍ୟମିକ ପ୍ରଧାନ ଶିକ୍ଷକ ୩୦, ପ୍ରାଥମିକ ପ୍ରଧାନଶିକ୍ଷକ ସ୍ତରରେ ୩୦ ଜଣ, ମାଧ୍ୟମିକ ଶିକ୍ଷକ ୧୦ ଜଣ, ପ୍ରାଥମିକ ଶିକ୍ଷକ ୧୦ ଜଣ, ଆଲୁମିନା ସମ୍ମାନ ୧୦, ଏସ୍‌ଏମ୍‌ସି ସମ୍ମାନ ୧୦ ଏହିପରି ମୋଟ ୨୦୯୭ ଜଣଙ୍କୁ ସମ୍ମାନିତ କରାଯାଇଥିଲା।

● **ଅନୁକୂଳଚନ୍ଦ୍ରଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି**

# ୩୦ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହେବେ

**ଯାଜପୁର ଟାଉନ, ୨୨।୨(ସମିସ):** ଯାଜପୁର ସହରସ୍ଥ ନହରପଦା ପଡ଼ିଆରେ ଆସନ୍ତା ୨୫ ତାରିଖ ରବିବାର ଦିନ ଯୁଗ ପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଆବିର୍ଭାବ ମହୋତ୍ସବ ସ୍ଥାନୀୟ ସତସଙ୍ଗ ବିହାରରେ ଅନୁଷ୍ଠିତ ହେବ। ଏହି ଅବସରରେ ଝାଡ଼ଖଣ୍ଡ, ବେଙ୍ଗଲ, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୦,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ଏହି ପବିତ୍ର ଉତ୍ସବରେ ସତସଙ୍ଗର ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ଭାଇ ଅଜିତାଭ ଚକ୍ରବର୍ତ୍ତୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ସତସଙ୍ଗର ସହସମ୍ପାଦକ ଋତ୍ୱିକ ଡାକ୍ତର ବିନାୟକ ମହାପାତ୍ର, କେନ୍ଦ୍ର ସତସଙ୍ଗ ବିହାରର ନିୟତ




କର୍ମୀ ଶ୍ରୀଧର ମିଶ୍ର ଯୋଗ ଦେବେ ବୋଲି ଜଣାପଡ଼ିଛି। ଏହି ମହୋତ୍ସବ ଆସନ୍ତା ୨୫ ଫେବୃଆରୀ ସକାଳ ୮ଟାରୁ ୧୧ଟା ମଧ୍ୟରେ ଅନୁକୂଳ ଚନ୍ଦ୍ରଙ୍କ ପ୍ରତିକୃତି ସହ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିବ। ପୂର୍ବାହ୍ନ ୧୧.୩୦ରୁ ୧.୩୦ ମଧ୍ୟରେ ମାତୃସମ୍ମିଳନୀ ଓ ୪ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଆଜି ସତସଙ୍ଗ କେନ୍ଦ୍ର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ସତ୍‌ସଙ୍ଗ ବିହାର ଉତ୍ସବ କମିଟି ଉପଦେଷ୍ଟା ଡ. ବିଜୟ କୁମାର ନାୟକ, ଗୋବିନ୍ଦ ଚନ୍ଦ୍ର ବାରିକ, ସମ୍ପାଦକ ଅଚ୍ୟୁତାନନ୍ଦ ପତି, ଉତ୍ସବ କମିଟି ସମ୍ପାଦକ ସଞ୍ଜୟ ପଣ୍ଡା, ସଭ୍ୟ ଶିଶିର ରଞ୍ଜନ ମାନଧାତା ପ୍ରମୁଖ ଉପସ୍ଥିତ ଥିଲେ।

## ଟିଏସ୍‌ଏଫ୍‌ର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ଟମକା, ୨୨।୨ (ସମିସ):** ସ୍ଥାନୀୟ ଟାଟା ଷ୍ଟିଲ ଫାଉଣ୍ଡେସନ ବ୍ରାହ୍ମଣୀପାଳ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧି, ଟିଏସଏଫ୍ କର୍ମଚାରୀ ଓ ବ୍ରାହ୍ମଣୀପାଳ ବଜାର କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍‌ରେ ଟିଏସଏଫ୍ ଟିମ୍ ବ୍ରାହ୍ମଣୀପାଳ ବଜାର ଟିମ୍‌କୁ ହରାଇ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ ଦୈତାରୀ ଥାନା ଆଇଆଇସି ପ୍ରଫୁଲ୍ଲ ଲାକ୍ରା, ସମ୍ମାନିତ ଅତିଥି ଭାବେ ଟିଏସଏଫ୍ କଳିଙ୍ଗନଗରର ମୁଖ୍ୟ ଯୋଶେପ ଆଲେନ୍, ଟାଟା ଷ୍ଟିଲ କଳିଙ୍ଗନଗରର ମିଡିଆ କର୍ମଚାରୀ ପ୍ରଦୋଷ ବାବୁ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳରେ ହାରିବା, କିନ୍ତୁ ସମସ୍ତଙ୍କ ମନ ଜିତିବା ଲକ୍ଷ୍ୟରେ ଏହି ଖେଳ ଆୟୋଜନ କରାଯାଇଥିଲା ବୋଲି ବ୍ରାହ୍ମଣୀପାଳ ୟୁନିଟର ମୁଖ୍ୟ ଜୟନ୍ତ କୁମାର ତ୍ରିପାଠୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଁସୋଳ, ରାଧିକାଦେଇପୁର, କିଆଝର, ଟାଙ୍ଗିରିଆପାଳ, ଦେଉଳକଣ ପଞ୍ଚାୟତର ସରପଞ୍ଚ, ୱାର୍ଡସଭ୍ୟ ଓ ହରିଚନ୍ଦନପୁର, ଟମକା ପ୍ରେସ କ୍ଲବ ପ୍ରତିନିଧି ଖେଳରେ ଭାଗନେଇଥିଲେ। ଈଶ୍ୱର ପରିଡ଼ା, ବିଶ୍ୱନାଥ ଦାସ, ହୃଷିକେଶ ସାହୁ, ପ୍ରଦୀପ ସାହୁ, ମାନସ ସାହୁ, ପିଣ୍ଟୁ ଦାସଙ୍କ ସମେତ ଟିଏସଏଫର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବରୁଣେଇଁ ନୋଡାଲ ଉପ୍ରା ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ପ୍ରୀତିପୁର, ୨୨।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁରସ୍ଥ ବରୁଣେଇଁ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟକୁ ଜିଲ୍ଲାର ପ୍ରଥମ ଆଲୁମୁନି ବିଦ୍ୟାଳୟ ଭାବେ ଘୋଷଣା କରାଯାଇଛି। ଚଇନପୁରଠାରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବରେ ଏହି ବିଦ୍ୟାଳୟକୁ ଜିଲ୍ଲାର ପ୍ରଥମ ଆଲୁମୁନି ବିଦ୍ୟାଳୟ ଭାବେ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ସମେତ ଅନ୍ୟ ବରେଣ୍ୟ ଅତିଥି ଯୋଗଦେଇଥିଲେ। ଏ ନେଇ ବରୁଣେଇଁ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଉତ୍ସାହର ଲହରୀ ଦେଖିବାକୁ ମିଳିଛି। ମୋ ସ୍କୁଲ ଅଭିଯାନର ସଭାପତି ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଗୁରୁ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀମା କୁମାରୀ କବି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶତ୍ରୁଜିତ୍ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଖୁସିବ୍ୟକ୍ତ କରିବା ସହିତ ଏହି ପୁରସ୍କାର ଶିକ୍ଷା ଦିଗରେ ଅଧିକ ସଂସ୍କାର ଆଣିବାରେ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଟମକା, ୨୨।୨(ସମିସ):** ଦାନଗଦି ବ୍ଲକର ଗୋବର୍ଦ୍ଧନପୁର ପଞ୍ଚାୟତ ଅନ୍ତର୍ଗତ ଅଲେଖପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଦୁଇଦିନ ଧରି ଚାଲିଥିବା ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ପରିବେଷଣ କରାଯାଇଥିଲା। ଏ ଅବସରରେ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।




ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଟିଏସଏଫ୍ ବ୍ରାହ୍ମଣୀପାଳର ମୁଖ୍ୟ ଜୟନ୍ତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଯୁବ ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଗୁରୁଜୀ ବିପିନ ଚନ୍ଦ୍ର ରାଉତ, ସ୍ଥାନୀୟ ଗ୍ରାମର ମୁରବୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଜନସାଧାରଣ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିବାଦୀୟ ସ୍ଥାନରେ ଘର ନିର୍ମାଣକୁ ନେଇ ମାରପିଟ୍ ଅଭିଯୋଗ

**ପାଣିକୋଇଲି, ୨୨।୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ବିବାଦୀୟ ତଥା ଅଦାଲତ ବାରଣ ସ୍ଥାନରେ ଜବରଦସ୍ତ ଗୃହ ନିର୍ମାଣକୁ ବିରୋଧ କରିବାରୁ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ମୂଳାପାଳ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ରାମଚନ୍ଦ୍ର ପଣ୍ଡାଙ୍କ ଝିଅ ଗୀତାଞ୍ଜଳିଙ୍କ ଅଭିଯୋଗ ମୁତାବକ ତାଙ୍କର ଏକ ବିବାଦୀୟ ଜମି ରହିଛି। ଯାହା ଉପରେ କୌଣସି ନିର୍ମାଣକୁ ଅଦାଲତ ବନ୍ଦ କରିଛନ୍ତି। ଏହି ବିବାଦୀୟ ସ୍ଥାନରେ ପଡୋଶୀ ଘର ନିର୍ମାଣ କରୁଥିଲେ। ଯାହାକୁ ଗୀତାଞ୍ଜଳି ବିରୋଧ କରିଥିଲେ। ତାଙ୍କ ପଡୋଶୀ ନଟବର ସାହୁ, ସ୍ତ୍ରୀ ସୁଷମା ସାହୁ, ପୁଅ ସତ୍ୟଜିତ, ଭାଇ କାଶୀନାଥ ଓ ତାଙ୍କ ସ୍ତ୍ରୀ ସବିତା ଓ ପୁଅ ମିଳିତ ଭାବେ ତାଙ୍କୁ ଆକ୍ରମଣ କରି ମାଡ଼ ମାରିଥିଲେ। ଏଥିସହିତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ କାର୍ଯ୍ୟ କରୁଛନ୍ତି। ଜୀବନ ପ୍ରତି ବିପଦ ଥିବାରୁ ଗୀତାଞ୍ଜଳି ଥାନାର ଆଶ୍ରୟ ନେଇ ନ୍ୟାୟ ଭିକ୍ଷା କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗୋକର୍ଣ୍ଣେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ଶିଳାନ୍ୟାସ



**ଧର୍ମଶାଳା, ୨୨।୨(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିରର ରୂପାନ୍ତରଣ ନେଇ ଗୁରୁବାର ଅପରାହ୍ନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କ ମନ୍ଦିର ରୂପାନ୍ତରଣ ଯୋଜନାରେ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ମଞ୍ଜୁର କରାଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଧାୟକ ଶ୍ରୀ ବଳବନ୍ତରାୟ କୃତଜ୍ଞତା ଜଣାଇଥିଲେ। ପାଣିକୋଇଲିସ୍ଥ ପୂର୍ତ୍ତ ବିଭାଗ ପକ୍ଷରୁ ମନ୍ଦିର ରୂପାନ୍ତରଣ ନେଇ ୧ କୋଟି ୫୦ ଲକ୍ଷ ଅର୍ଥ ମଞ୍ଜୁର କରାଯାଇଛି। ଉକ୍ତ ମନ୍ଦିରର କାର୍ଯ୍ୟ ଶେଷ ହେବା ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ ବୋଲି ମନ୍ଦିର ଟ୍ରଷ୍ଟି ବେଣୁଧର ନାୟକ ଓ ଶ୍ୟାମସୁନ୍ଦର ରାୟ ସୂଚନା ଦେଇଛନ୍ତି। ବିଭାଗୀୟ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ମହେଶ୍ୱର ସାହୁ, ସହକାରୀ ଯନ୍ତ୍ରୀ ବିରେନ ବସ୍ତ, ଇଂ ବିଜୟ କୁମାର ନାୟକ ଓ ଇଂ ସୁନୀଲ କୁମାର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମକୁ ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି, ଯୁବନେତା ଅଜୟ କୁମାର ନାୟକ, ବିଚିତ୍ର ସ୍ୱାଇଁ, ମଦନମୋହନ ନାୟକ, ମହିଳା ନେତ୍ରୀ ମିନତୀ ପଣ୍ଡା, ହୃଷିକେଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟ ସବୁଜ ବାହିନୀ ପକ୍ଷରୁ ପ୍ରକୃତି ଶିବିର




**ଯାଜପୁର, ୨୨।୨(ସମିସ):** ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟକରିଣୀ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଓ ପରିବେଶ ଶିକ୍ଷାକେନ୍ଦ୍ର ସହାୟତାରେ ଏକଦିବସୀୟ ପ୍ରକୃତି ଶିବିର ବାଲେଶ୍ୱର ଜିଲ୍ଲା ପଞ୍ଚଲିଙ୍ଗେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସବୁଜ ବାହିନୀ, ଜିଲ୍ଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟିର ଆବାହକ ନେତୃତ୍ୱରେ ୫୦ ଜଣ ଇକୋ କ୍ଲବ ଛାତ୍ରଛାତ୍ରୀ ଯୋଗ ଦେଇ ବ୍ୟାନର, ପ୍ଲାକାର୍ଡ ସହିତ ବିଭିନ୍ନ ସ୍ଲୋଗାନ ଦେଇ ପ୍ଲାଷ୍ଟିକ, ଅଳିଆ ବିରୁଦ୍ଧରେ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ। ପ୍ରକୃତି ଓ ପରିବେଶର ଗୁରୁତ୍ୱ ଉପଲବ୍ଧି କରିଥିଲେ ଓ ପ୍ରକୃତିର ମନୋରମ ପରିବେଶ ଉପଭୋଗ କରିଥିଲେ। ସୁନ୍ଦର ପରିବେଶ ପାଇଁ ବିଭିନ୍ନ ବୃକ୍ଷ ଲତାର ଗୁରୁତ୍ୱ ଅନୁଭବ କରିଥିଲେ। ଏଥିସହିତ ସେଠାରେ ତର୍କ, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ରହ୍ମଗୋସ୍ୱନ୍ଦ ମହାଯଜ୍ଞ ଆରମ୍ଭ

**ପ୍ରୀତିପୁର, ୨୨।୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା, ବାଛୋଳ ଓ ଫତେପୁର ପଞ୍ଚାୟତକୁ ନେଇ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଥିବା ବ୍ରହ୍ମଗୋସ୍ୱନ୍ଦ ମହାଯଜ୍ଞ ମଲିଆ ଯଜ୍ଞ ପଡ଼ିଆରେ ଆରମ୍ଭ ହୋଇଛି। ବିଶ୍ୱର କଲ୍ୟାଣ ପାଇଁ କାହିଁ କେଉଁ ଆବାହମାନ କାଳରୁ ଏଠାରେ ବାବାଜୀ କାହ୍ନୁଚରଣ ପରମହଂସ ଏହି ଯଜ୍ଞ ଉତ୍ସବ କରିଆସୁଥିଲେ। ତାଙ୍କ ଦେହାନ୍ତ ପରେ ତିନି ପଞ୍ଚାୟତବାସୀ ଦୀର୍ଘ ୫୮ ବର୍ଷ ଧରି ଏହି ଯଜ୍ଞ ଉତ୍ସବକୁ ମହାଆଡମ୍ବରରେ ପାଳନ କରିଆସୁଛନ୍ତି। ଯଜ୍ଞ ମହାପୁରୁଷଙ୍କ ଦର୍ଶନ ଓ ପ୍ରଭୁ ରାଧାଗୋବିନ୍ଦଙ୍କ ଦର୍ଶନ ପାଇଁ ଏହି ପୀଠରେ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥାଏ। ଏହି ପୀଠର ମହାତ୍ମ୍ୟ ଅନେକ ପୁରାଣ ଓ ମାଳିକାରେ ମଧ୍ୟ ବର୍ଣ୍ଣନା ରହିଛି। ଯଜ୍ଞରେ ପ୍ରସ୍ତୁତ ଚରୁଅନ୍ନ ଗ୍ରହଣ କଲେ ଅନେକ ଦୁରାରୋଗରୁ ମୁକ୍ତି ମିଳିବା ସହିତ ଅପୁତ୍ରିକ ନାରୀ ପୁତ୍ରପ୍ରାପ୍ତ ହୋଇଥା'ନ୍ତି ବୋଲି ଲୋକକଥା ରହିଛି। ଏହି ଧର୍ମୀୟ ଭାବନା ପ୍ରତିବର୍ଷ ଯଜ୍ଞ ଉତ୍ସବକୁ ଶ୍ରଦ୍ଧାଳୁମାନଙ୍କୁ ଏହି ପୀଠକୁ ଟାଣିଆଣିଥାଏ।

# ମହେଶ୍ୱରପୁରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ଯାଜପୁର, ୨୨।୨(ସମିସ):**

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ପଞ୍ଚାୟତ ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ଜେନା ଓ ସରପଞ୍ଚ ସୁଜିତ ରାୟଙ୍କ ନେତୃତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯାଜପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ବିଜୁ ଜନତା ଦଳର ବ୍ଲକ ସଭାପତି ପରେଶ ବିଶ୍ୱାଳ, ଯୁବନେତା ଅଜୟ କୁମାର ମହାନ୍ତି, ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଗଣେଶ ଚନ୍ଦ୍ର ମହାକୁଡ଼, ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ ତୁଷାରକାନ୍ତ ପରିଡ଼ା, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ଯୁବନେତା ଅମିତ ରାଉତ, ବରିଷ୍ଠ ବିଜେଡି ନେତା ବ୍ରଜକିଶୋର ପାଢ଼ୀ, ଚଇନପୁର ସରପଞ୍ଚ ବୈଷ୍ଣବ ରାଉତ, ମାଳଆନନ୍ଦପୁର ସରପଞ୍ଚ ପର୍ଶୁରାମ ଦଳେଇ, ସାନସୁଆର ସରପଞ୍ଚ ସାଗରିକା ଦାସ, ଭୁବନେଶ୍ୱରପୁର ସରପଞ୍ଚ ମନିଦୀପା ରାୟ, ଜିଲ୍ଲା ବିଜୁ ଜନତା ଦଳର ସମ୍ପାଦକ ଅମରେନ୍ଦ୍ର ମିଶ୍ର, ୨୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀର ରୂପାନ୍ତିକରଣ, ମହିଳା ସଶକ୍ତିକରଣ, ଭିତ୍ତିଭୂମିର ବିକାଶ, ଐତିହ୍ୟର ସୁରକ୍ଷା ସହ ପଞ୍ଚାୟତସ୍ତରୀୟ ଅନୁଦାନର ସଠିକ୍ ବିନିଯୋଗ ନେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ କମଳା କୁମାର ମଲ୍ଲିକ, ସ୍ମୃତିରେଖା ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମହାଲକ୍ଷ୍ମୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ବହୁ ସମାଜସେବୀ ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେଶ୍ୱରପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



www.sakalaepaper.com

## ଆଖି ହରାଇବା ଘଟଣାର ବିଭାଗୀୟ ତଦନ୍ତ ରିପୋର୍ଟ

# ଭୂମିକା ଚକ୍ଷୁ ହସ୍ପିଟାଲରେ ଚାଲିଥିଲା ବହୁ ବେଆଇନ୍ କାର୍ଯ୍ୟ

ଭଦ୍ରକ,୨୨ ।୨(ସମିସ)

- ଗୋଟିଏ ଦିନରେ ଜଣେ ଡାକ୍ତର ୪୧ଟି ଅପରେସନ କରିଥିଲେ
- ୨୫ ଶଯ୍ୟାର ଲାଇସେନ୍ସ ଥିବା ସତ୍ତ୍ୱେ ୬୦ରୋଗୀଙ୍କୁ ଦାଖଲ
- କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟର ଖୋଲା ଉଲ୍ଲଙ୍ଘନ
- ତାଲିକାଭୁକ୍ତ ଫୁଲ୍ ଟାଇମ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ!




ଭଦ୍ରକ ଭୂମିକା ଚକ୍ଷୁ ହସ୍ପିଟାଲରେ ମୋତିଆବିନ୍ଦୁ ଅପରେସନ କରି ୬ଜଣ ରୋଗୀ ଚକ୍ଷୁ ହରାଇଥିଲେ। ତେବେ ଏହି ସମ୍ବେଦନଶୀଳ ଘଟଣାରେ ୩ଜଣ ଚକ୍ଷୁ ହରାଇଥିବା ରୋଗୀଙ୍କ ଆଗତ ଅଭିଯୋଗ ମୂଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏହାର ତଦନ୍ତ କରାଇଥିଲେ। ଏହି ତଦନ୍ତ ଜିଲ୍ଲା ମେଡିକାଲ ଅଫିସର ତଥା ସୁପରିଟେଣ୍ଡେଣ୍ଟ ଡାକ୍ତର ସନ୍ତୋଷ କୁମାର ଜେନା ଓ ଡିବିସିଏସ୍ ଡିପିଏମ୍ ଡାକ୍ତର ସନ୍ତୋଷ କୁମାର ସିଂ କରିବା ପରେ ରିପୋର୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଥିଲେ। ତେବେ ଏହି ତଦନ୍ତକାଳରେ ଭୂମିକା ଚକ୍ଷୁ ହସ୍ପିଟାଲରେ ଚାଲିଥିବା ବହୁ ବେଆଇନ୍ କାର୍ଯ୍ୟ ଚାଲିଥିବା ସ୍ପଷ୍ଟ ହୋଇଛି। ତଦନ୍ତ ରିପୋର୍ଟର ସୂଚନାନୁଯାୟୀ, ଉକ୍ତ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ରୋଗୀଙ୍କ ମୋତିଆବିନ୍ଦୁ ଅପରେସନ ପୂର୍ବରୁ ସେମାନଙ୍କ ପରିବାରକୁ ସଠିକ୍ ଭାବେ ରୋଗ ସମ୍ପର୍କରେ ଅବଗତ କରାଇନଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଚିକିତ୍ସାଳୟରେ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇଥିବା ସ୍ପଷ୍ଟ ହୋଇଛି। କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ଅର୍ଥ ଉପାର୍ଜନ ଲାଗି ଭୂମିକା କର୍ତ୍ତୃପକ୍ଷ ଗୋଟିଏ ଦିନରେ ଜଣେ ଚକ୍ଷୁ ଡାକ୍ତରଙ୍କ ଜରିଆରେ ୪୧ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅପରେସନ କରିଥିବା ଜଣାଯାଇଛି। ଯାହା କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆଇନ୍‌ର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ହୋଇଥିବା ତଦନ୍ତକାରୀ ଅଧିକାରୀ ତାଙ୍କ ରିପୋର୍ଟରେ ପ୍ରଦାନ କରିଛନ୍ତି। କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟକୁ ଉଲ୍ଲଙ୍ଘନ କରି ଭୂମିକା ଚକ୍ଷୁ ହସ୍ପିଟାଲରେ ଗତ ୩୧-୫-୨୩ ତାରିଖରେ ଚକ୍ଷୁ ହରାଇଥିବା ୩ଜଣ ରୋଗୀଙ୍କ ସହ ମୋଟ ୪୧ଟି ମୋତିଆବିନ୍ଦୁ ଅପରେସନ ଡାକ୍ତର ରତ୍ନରାଜ ରାଉତ କରିଥିବା ଜଣାଯାଇଛି। ସେହିଭଳି ୩୦-୯-୨୩ରେ ୬୦ଜଣ ରୋଗୀଙ୍କୁ ଭୂମିକାରେ ଦାଖଲ କରାଯାଇ ଅପରେସନ୍ କରାଯାଇଥିଲା। ଯାହା କ୍ଲିନିକାଲ ଆକ୍ଟକୁ ଉଲ୍ଲଙ୍ଘନ କରିଛି। କାରଣ ମାତ୍ର ୨୫ଶଯ୍ୟା ଲାଗି ଅନୁମତି ହାସଲ କରି ଭୂମିକା ହସ୍ପିଟାଲ ଦିନକୁ ୫୦ଭଳି ରୋଗୀଙ୍କ ମୋତିଆବିନ୍ଦୁ ଅପରେସନ କରିଚାଲିଥିଲା। କେବଳ ଏତିକି ନୁହେଁ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟରେ ଏହି ଡାକ୍ତରଖାନାରେ ଫୁଲ୍‌ଟାଇମ ଡାକ୍ତର ଭାବେ ଡାକ୍ତର ଧନେଶ୍ୱର ପ୍ରଧାନ ନିଯୁକ୍ତି ପାଇଥିବା ରେକର୍ଡ କହୁଥିବା ବେଳେ ବାସ୍ତବରେ ସେ ଏଠାରେ ଅନୁପସ୍ଥିତ ଥାଆନ୍ତି। ଏଠାକୁ ଆବଶ୍ୟକ ପଡିଲେ ଆସନ୍ତି ଓ ସପ୍ତାହକୁ ଥରେ ଦୁଇଥର ନିଜ ମର୍ଜିରେ ଆସନ୍ତି ବୋଲି ତଦନ୍ତ ରିପୋର୍ଟରୁ ଜଣାଯାଇଛି। ଅନ୍ୟପକ୍ଷରେ ଭୂମିକାରେ କାର୍ଯ୍ୟରତ ୬ଜଣ ଜିଏନ୍‌ଏନ୍‌ଙ୍କ ମଧ୍ୟରୁ କେହି ଆସୁନଥିବା ବେଳେ ତାଲିକା ବାହାରେ ଜଣେ ଜିଏନ୍‌ଏନ୍ ଆସୁଥିବା ଜଣାଯାଇଛି । ତେଣୁ ଭୂମିକା ଚକ୍ଷୁ ହସ୍ପିଟାଲରେ ବହୁ ବେଆଇନ୍ କାର୍ଯ୍ୟ ଚାଲିଥିବା ତଦନ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଯାହାର ପରିଣାମ ସ୍ୱରୂପ ୬ଜଣ ନିରୀହ ରୋଗୀ ସେମାନଙ୍କ ଚକ୍ଷୁ ହରାଇଥିବା ସ୍ୱତଃ ପ୍ରମାଣିତ ହୋଇଛି । ଅଧିକ ଚକ୍ଷୁ ଅପରେସନ କରି ଅଧିକ ଉପାର୍ଜନ କରିବା ନିଶାରେ ଭୂମିକା କର୍ତ୍ତୃପକ୍ଷଙ୍କ ଏତାଦୃଶ ବେଆଇନ୍ ଭୂମିକା ତଦନ୍ତ ରିପୋର୍ଟରେ ସ୍ପଷ୍ଟ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବୁଦ୍ଧିଜୀବୀ ମହଲକୁ ଚକିତ କରିଛି।

ସ୍ମରଣଯୋଗ୍ୟ, ଭଦ୍ରକ ୧୬ନମ୍ବର ଜାତୀୟରାଜପଥସଂଲଗ୍ନ ଡାହାଣୀଗଡିଆରେ ଥିବା ଭୂମିକା ଚକ୍ଷୁ ହସ୍ପିଟାଲକୁ ଅଣାଯାଇ ଗତ ବର୍ଷ ଅକ୍ଟୋବର ମାସ ୨୯ରୁ ୩୦ ତାରିଖ ମଧ୍ୟରେ ଅପରେସନ କରାଯାଇଥିଲା। ତେବେ ଅପରେସନ ବହୁ ବୟସ୍କ ରୋଗୀଙ୍କ ମଧ୍ୟରୁ ୬ଜଣ ବୟସ୍କ ରୋଗୀଙ୍କ ଚକ୍ଷୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଆଖିକୁ ଭଲ ଦେଖିବା ତ ଦୂରର କଥା ଏହି ୬ଜଣ ରୋଗୀ ସମ୍ପୂର୍ଣ୍ଣ ଦୃଷ୍ଟି ଶକ୍ତି ହରାଇଥିଲେ। ଭଦ୍ରକ ଟାଉନ ଥାନାକୁ ଚକ୍ଷୁ ହରାଇଥିବା ୩ଜଣ ବୟସ୍କ ରୋଗୀ ପୃଥକ୍ ପୃଥକ ଭାବେ ଭୂମିକା ଚକ୍ଷୁ ହସ୍ପିଟାଲ ବିରୋଧରେ ଏତଲା ଦେଇଥିଲେ। ଏତଲାକାରୀମାନେ ହେଲେ-ବାଲେଶ୍ୱର ଜିଲ୍ଲା ଔପଦା ଥାନା ପାଇକପଡା ଗାଁର ଚକ୍ଷୁ ହରାଇଥିବା ବୃଦ୍ଧ ରତ୍ନାକର ପାଢୀ (୮୦), ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳର ସେଖ ଇସା (୮୫)ଙ୍କ ଝିଅ ରିଆନା ବିବି ଓ ସାବରଙ୍ଗ ଥାନା ଅଧିନ ସରଗଡିଆ ଚାପୁଣ୍ଡିଆ ଗାଁର ସୁଲୋଚନା ନାୟକଙ୍କ ପୁଅ ପ୍ରସନ୍ନ ନାୟକ। ଟାଉନ ଥାନାରେ ଘଟଣାରେ ଭୂମିକା ଚକ୍ଷୁ ହସ୍ପିଟାଲ ବିରୋଧରେ ୩ଟି ପୃଥକ୍ ମାମଲା (ନଂ-୫୩୫, ୫୩୬, ୫୩୭/୨୦୨୩, ଦଫା-୫୦୬, ୩୩୬, ୩୩୭, ୩୩୮, ୩୪ଆଇପିସି)ରେ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପାତ୍ର ଏହି ଘଟଣାରେ ସଂପୃକ୍ତ ହସ୍ପିଟାଲକୁ କେବଳ ମାସକ ପାଇଁ ଅପରେସନ ବନ୍ଦ ରଖିବାକୁ ମୌଖିକ ନିର୍ଦ୍ଦେଶ ଦେବା ସହ ଆବଶ୍ୟକୀୟ କାଗଜପତ୍ର ମଗାଯାଇଛି ବୋଲି ସୂଚନା ଦେଇଥିଲେ ଓ ପରେ ଏହାର ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯାଇଛି ବୋଲି କହିଥିଲେ। ତେବେ ତାଲିକାଭୁକ୍ତ ଡାକ୍ତର ଚିକିତ୍ସାଳୟକୁ ନଯାଇ ଅନ୍ୟ ଡାକ୍ତରଙ୍କ ଦ୍ୱାରା ଏକକାଳୀନ ୪୧ରୁ ଅଧିକ ରୋଗୀଙ୍କ ବିପଦଜନକ ଭାବେ ଅପରେସନ କରିବା ଓ ତାଲିକାଭୁକ୍ତ ଅଭିଜ୍ଞ, ତାଲିପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ବଦଳରେ ଅନ୍ୟ ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଭଳି ସାଂଘାତିକ କାର୍ଯ୍ୟ ଭୂମିକା ହସ୍ପିଟାଲରେ ଚାଲିଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲେ ବି ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ଏବେ ବି ଏହି ଚିକିତ୍ସାଳୟରେ ଦିନକୁ ୪୦ଜଣ ଭଳି ରୋଗୀଙ୍କ ଚକ୍ଷୁ ଅପରେସନ ବେଆଇନ୍ ଭାବେ ଚାଲିଥିବା ଅଭିଯୋଗ ହୋଇଛି।

## ଅଟୋକୁ ଧକ୍କା ଦେଲା ବାଇକ୍

**ମଞ୍ଜୁରୀ ରୋଡ୍, ୨୨ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକ ଠାରେ ଏକ ଅଟୋକୁ ଗୋଟିଏ ବାଇକ ଧକ୍କା ଦେବାରୁ ୨ଜଣ ଯୁବକ ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ସ୍ଥାନୀୟ ଗ୍ରାମର ୨ଯୁବକ ଏକ ବାଇକରେ ୧୬ନମ୍ବର ଜାତୀୟ ରାଜପଥର ବାଇପାସ ରାସ୍ତାରେ ନଳାଙ୍ଗ କୋର୍ଟ ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହିତ ବାଇକର ଧକ୍କା ହୋଇଥିଲା। ଫଳରେ ୨ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମବାସୀ ୨ ଯୁବକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିବା ଜଣାପଡିଛି। ଏଠାରେ ସୂଚିତ ଜନୈକ ଠିକାଦାର ଉକ୍ତ କେନାଲ ଛକ ଉପରେ ବାଲି ଓ ମେଣ୍ଟାଲ ଦୀର୍ଘ ଦିନ ଧରି ଗଚ୍ଛିତ କରି ରଖିଥିବାରୁ ଏଭଳି ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବା ଲୋକେ କହିଛନ୍ତି। ତେଣୁ ଏହା ଉପରେ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି

**ଭଦ୍ରକ,୨୨।୨(ସମିସ):** ଭଦ୍ରକରେ ଅବିଳମ୍ବେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା କରିବାକୁ ପୁରାତନ ଛାତ୍ର ସଂସଦ ଦାବି କରିଛି। ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦର ଏକ ବିଶେଷ ଅଧିବେଶନ ଆଜି ଅପରାହ୍ଣରେ ସଂସଦ କାର୍ଯ୍ୟାଳୟରେ ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅଜୟ ନାୟକ ଭଦ୍ରକରେ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା ବିଳମ୍ବକୁ ନେଇ କ୍ଷୋଭ ପ୍ରକଟ କରିଥିଲେ। ଭଦ୍ରକ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଅଧ୍ୟାପକ ସଂଗ୍ରାମ ମହାନ୍ତି, ସରୋଜ ତପନ ଦାସ, ଗୋବର୍ଦ୍ଧନ ସାମଲ, ଇନ୍ଦ୍ରମଣି ପଣ୍ଡା, ଅଧ୍ୟାପକ ସୌରେଶ ମହାନ୍ତି, ବସନ୍ତ ମହାନ୍ତି, ଶାନ୍ତନୁ କୁମାର ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ ବହୁ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ। ଅମରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ବ୍ଲକ ସଭାପତିଙ୍କ ସ୍ମୃତିଚାରଣ ସଭା

**ଆଗରପଡ଼ା,୨୨ ।୨(ସମିସ):** ବନ୍ତ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ତଥା ଛୟାଳସିଂ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁରେଶ ଚନ୍ଦ୍ର ରାଉତଙ୍କ ୭ମ ଶ୍ରାଦ୍ଧାବାର୍ଷିକୀ ମଙ୍ଗୁଳି ଗାଁରେ ପାଳିତ ହୋଇଯାଇଛି। ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଣ୍ଡାରିପୋଖରୀ ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ନିରଞ୍ଜନ ମଲ୍ଲିକ, ପ୍ରଦ୍ୟୁମ୍ନ ଦାସ, ସୁରେନ୍ଦ୍ର ଜେନା, ଗୋଲକ ଘଡ଼ାଇ, କୈଳାସ ରାଉତ, ଜଗନ୍ନାଥ ପରିଡ଼ା, ବୃନ୍ଦାବନ ଗିରି, ଦୁଷ୍ମନ୍ତ ଯେନା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରାଯିବା ସହ ବନ୍ତ ବ୍ଲକ କଂଗ୍ରେସ ଦଳ ପାଇଁ ସ୍ୱର୍ଗତ ରାଉତ ଜଣେ ଦୃଢ଼ ସଂଗଠନ ଥିଲେ ଏବଂ ତାଙ୍କ ଅବଦାନ ଦଳ ପାଇଁ ବହୁ ଅତୁଳନୀୟ ବୋଲି ନିଜ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଭକ୍ତବୃନ୍ଦଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇଥିଲା।

## ଆଳମଙ୍ଗା ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଆଗରପଡ଼ା,୨୨ ।୨(ସମିସ):** ବନ୍ତ ବ୍ଲକ ଛୟାଳସିଂ କ୍ଲଷ୍ଟର ଅଧୀନ ଆଳମଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ସାହିତ୍ୟିକ ହରିହର ପାଣିଗ୍ରାହୀ, ଏବିଇଓ ହରେକୃଷ୍ଣ ଆପଟ, ପ୍ରମୋଦ କୁମାର ପଣ୍ଡା, ହାଟଡ଼ିହି ଏବିଇଓ ପ୍ରମୋଦ ନାୟକ, କୃତୀ ଶିକ୍ଷକ ଶଶୀଖେଖର କର ଶର୍ମା, ଭାସ୍କରଚନ୍ଦ୍ର ପାଢ଼ୀ, ଅଲେଖ ନାୟକ, ଅଧ୍ୟାପକ ଚନ୍ଦ୍ରକାନ୍ତ ବେହେରା, ଧର୍ମେନ୍ଦ୍ର ନାରାୟଣ ଜେନା, ପ୍ରଭାତ ସେନାପତି, ପ୍ରଶାନ୍ତ ଦାସ, ସମିତସସଭ୍ୟ ପ୍ରେମାନନ୍ଦ ନାୟକ, ସିଆର୍‌ସିସି ଗିରିଜା ଶଙ୍କର ଲେଙ୍କା, ରମେଶଚନ୍ଦ୍ର ପାଇକରାୟ, ଭରତ ଓଝା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ଗିରି ଅତିଥି ପରିଚୟ, ପ୍ରଜ୍ଞାସ୍ମିତା ବାରିକ ବାର୍ଷିକ ବିବରଣୀ ପାଠ ଓ ଯମୁନା ହାସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ରେ ଶିକ୍ଷକ ପ୍ରକାଶ ଚନ୍ଦ୍ର ଜେନା, ଶୀର୍ଷାନନ୍ଦ ରାଉତ ପ୍ରମୁଖଙ୍କ ସହ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସହଯୋଗ କରିଥିଲେ।

## ବର୍ଦ୍ଧିତ ଭତ୍ତା ପ୍ରଦାନ

**ମଞ୍ଜୁରୀ ରୋଡ଼,୨୨ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ମଧୁବାବୁ, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ହିତାଧିକାରୀଙ୍କୁ ହଜାରେ, ୧୨ ଶହ ଓ ୧୪ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଜିଆର୍‌ଏସ ମାନସ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅମୂଲ୍ୟ ନାୟକ ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ। ଏହାଛଡା ଅନେକ ନୂତନ ହିତାଧିକାରୀଙ୍କୁ ମଧ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ବରିଷ୍ଠ ନାଗରିକ କରୁଣାକର ସାମଲ, ଯୁବନେତା ଦୀପକ ପାଣିଗ୍ରାହୀ, ବୈରାଗୀ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ଭାଗବତ କଥାମୃତ ପ୍ରବଚନ

**ମଞ୍ଜୁରୀ ରୋଡ଼,୨୨ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଭାଗବତ ଟୁଙ୍ଗି ଠାରେ ୩୮ତମ ବାର୍ଷିକ ପାରାୟଣ ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ସପ୍ତଦିନ ବ୍ୟାପୀ ପାରାୟଣ ଅନୁଷ୍ଠିତ ହେଉଥିବା ବେଳେ ୩ୟ ଓ ୪ର୍ଥ ଦିନରେ ଶ୍ରୀକ୍ଷେତ୍ର ନିବାସୀ ସରୋଜିନୀ ଦେବୀ ଭାଗବତ କଥାମୃତ ପ୍ରବଚନ ପ୍ରଦାନ କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁ ବାଣୀ ଶ୍ରବଣ କରିଥିଲେ । ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ପ୍ରବଚିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ନଟବର ରାଉଳଙ୍କ ସଂଯୋଜିତ କାର୍ଯ୍ୟକ୍ରମକୁ ନିରଞ୍ଜନ ପ୍ରଧାନ, ଉମାକାନ୍ତ ପାତ୍ର, ଜୟନ୍ତ ଷେଣ୍ଠ, ରବୀନ୍ଦ୍ର ଷେଣ୍ଠ, ରାଜକିଶୋର ସ୍ୱାଇଁ, ରବିନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା




**ଆଗରପଡ଼ା,୨୨ ।୨(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବେଲଦା ମୁଣ୍ଡାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଦିବସ ଧରି ଅନୁଷ୍ଠିତ ହୋଇଥିବା 'ଆମ ସଂସ୍କୃତି ଆମ ଖେଳନା' ସଂପର୍କୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଗଣିଜାଙ୍ଗ ସାଧନକେନ୍ଦ୍ରର ସାଧନା କର୍ମୀ ପ୍ରଫୁଲ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ ଏହାକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ଆଇନଜୀବୀ ଅଣାକାର ମଲ୍ଲିକ, ଆନନ୍ତ ଚନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସମ୍ବଳ ଶିକ୍ଷକ ଭାବେ ଗଣେଶ ପ୍ରସାଦ ଦାସ, ରମ୍ଭାମଣି ଜେନା, ରମାକାନ୍ତ ବେହେରା, ରାଧାକାନ୍ତ ଜେନା, ପ୍ରଫୁଲ ନାୟକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏହାକୁ ପ୍ରତାପ ମହାପାତ୍ର, ନୀଳମାଧବୀ ଦାସ, ଅନୁସୂୟା ବାରିକ, ମିତାରାଣୀ ନାଥ, ସସ୍ମିତା ନାଥ, ଗୋ÷ରୀ ରଣା, ରିତା ମୁଣ୍ଡା, ଗୀତାରାଣୀ ସୂତାର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ତାରାପୁର ସାଧନ କେନ୍ଦ୍ର ଅନ୍ତର୍ଗତ ଚଣ୍ଡିମାତା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ସାଧନକେନ୍ଦ୍ର ସଂଯୋଜକ ଜଗନ୍ନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ 'ଆମ ସଂସ୍କୃତି ଆମ ଖେଳନା' କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ରୂପେ ସହକାରୀ ଶିକ୍ଷକ ଆର୍‌ଏନ ବରପଦାର ପର୍ଶୁରାମ ନାୟକ, ପୋଡ଼ାପାଟଣା ଯୁଜି ଏମଇ ବିଦ୍ୟାଳୟର ଅଶୋକ ଦାସ ଏବଂ କଳା ଶିକ୍ଷକ ରମେଶ ଚନ୍ଦ୍ର କର ଓ ଦେବାଶିଷ ମହାରଣାଙ୍କ ଯୋଗଦେଇଥିଲେ।

## '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ ପ୍ରସ୍ତୁତି ଅନୁଧ୍ୟାନ

**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ,୨୨।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ୧୬ନମ୍ବର ଜାତୀୟ ରାଜପଥ ପାଶ୍ୱର୍ ଆଖୁଆପଦା ପଡିଆରେ ଆଗାମୀ ୨୪ ତାରିଖରେ ଅନୁଷ୍ଠିତ ସାଧାରଣ ସଭାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେବେ। ସେଠାରୁ ବୈତରଣୀ ନଦୀର କଟିଂଘାଇ, ନଦୀବନ୍ଧ, ପରିଦର୍ଶନ କରିବା ସହ ଧାମନଗର ଯାଇ ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସ୍‌କେପ ପରିଦର୍ଶନ କରିବେ। ଗତ ୧୯ ତାରିଖରେ '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ ସୂଚୀ ଅନୁଯାୟୀ ଯାତାୟତ ରାସ୍ତା ସ୍ଥିର କରାଯାଇଥିଲା। ସେହି ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ସାହୁ, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଆଖୁଆପଦା ପଡିଆ ସହ ଭଣ୍ଡାରିପୋଖରୀ ବ୍ଲକର କଟିଂଘାଇ ଓ ସେଠାରୁ ଦେହୁଡି ଆନନ୍ଦପୁର ରାସ୍ତାର ଉନ୍ନତିକରଣ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି।

## ଗୋପବନ୍ଧୁ ସେବା ସଂଘ ପକ୍ଷରୁ ସହାୟତା

**ଦୋବଲ,୨୨ ।୨(ସମିସ):** ଦୋବଲ ଜୋନ ଅନ୍ତର୍ଗତ ବାଘୁଆରି ଗ୍ରାମର ସୌଗନ୍ଧ ମହାନ୍ତି ଓ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ୬ ବଖରାଘର ଅଗ୍ନିକାଣ୍ଡ ଘଟି ପୋଡ଼ି ପାଉଁସ ହୋଇଯାଇ ଥିଲା। ତେବେ ପ୍ରଶାସନ ପକ୍ଷରୁ ମାତ୍ର ଖଣ୍ଡିଏ ପାଲ ଯୋଗାଇ ଦିଆଯାଇଥିବା ବେଳେ ଖରାକାକରରେ ଦିନ ବିତୁଥିବା ବେଳେ ଆଜି ତିହିଡ଼ି ଅଞ୍ଚଳର ଗୋପବନ୍ଧୁ ସେବା ସଂଘ ପକ୍ଷରୁ ବିପନ୍ନ ପରିବାରକୁ ୨୦ ଦିନ ପାଇ ରନ୍ଧା ଖାଦ୍ୟ ସାମଗ୍ରୀ, ଶାଢ଼ି, ସପ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ସେବା ସଙ୍ଗର ସଭାପତି ରାଜୀବ ନାୟକ, ଦୀପକ ପରିଡା, ଜନ୍ମଜୟ ସିଂହ, ହେମନ୍ତ ମଲ୍ଲିକ, ନିରାକାର ମଲ୍ଲିକ, ବାବୁରାମ ଦାସ, ପରମେଶ୍ୱର ପାଢ଼ୀ, ତୃପ୍ତିରଂଜନ ଭଟ.ରୟ୍ୟ, ଶେଖ ଲିୟାକତ, ଅଶୋକ ନାୟକ, ନାରାୟଣ ଚନ୍ଦ୍ର ନାୟକ ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି ବିପନ୍ନ ପରିବାରକୁ ଏହି ସହାୟତା ପ୍ରଦାନ କରିଥିଲେ।

## ଉତ୍ସବ ଶିଶୁମାନଙ୍କୁ ଉତ୍ସାହିତ କରିଥାଏ




**ଧୂଷୁରୀ,୨୨।୨(ସମିସ):** ଧାମନଗର ବ୍ଲକ ପାଳସାହି ସ୍ଥିତ ପରମେଶ୍ୱର ଶିଶୁ ବିଦ୍ୟାପୀଠ ପରିସରରେ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଭାଗିରଥୀ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କାଶୀନାଥ ମହାନ୍ତି ଯୋଗଦେଇ ଶୃଙ୍ଖଳିତ ଶିକ୍ଷାର ମୂଳ ଆଧାର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିକୁଞ୍ଜକିଶୋର ଜେନା ଯୋଗଦେଇ ଉତ୍ସବ ଆୟୋଜନ ଦ୍ୱାରା ଶିଶୁମାନଙ୍କ ମନରେ ଆନନ୍ଦ ସୃଷ୍ଟି କରିବା ସହିତ ବିଦ୍ୟାଳୟ ପ୍ରତି ଆକର୍ଷଣ ସୃଷ୍ଟି କରିଥାଏ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ରବିନ୍ଦ୍ର ବେହୁରିଆ, ଆଇନଜୀବୀ ରମେଶ ବେହେରା, ଶିକ୍ଷାବିତ ପ୍ରଶାନ୍ତ ପଲାଇ, ତ୍ରିଲୋଚନ ଦାସ, ପ୍ରତିଷ୍ଠାତା ସଦସ୍ୟ ବିଦ୍ୟାଧର ବାରିକ, ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ନବଜୀବନ ଫାଉଣ୍ଡେସନ ମୁଖ୍ୟ ମାନସରଞ୍ଜନ ସାହୁ, ସିଆର୍‌ସିସି ପ୍ରଦୀପ ଦାସ, ଶିକ୍ଷା ବିକାଶ ସମିତି ସଂଯୋଜକ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ସ୍ୱାଗତ ଭାଷଣ ପ୍ରଧାନ ଆଚାର୍ଯ୍ୟ ମଧୁସ୍ମିତା ଦାସ, ଅତିଥି ପରିଚୟ ଆଚାର୍ଯ୍ୟ ବିଳାସିନୀ ସାହୁ, ଆଚାର୍ଯ୍ୟ କ୍ଷୀରେଦିନି ପାଣ୍ଡବ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନଟବର ରାଉଳଙ୍କ 'କାହାଣୀ କୁସୁମ' ଉନ୍ମୋଚିତ




**ଭଣ୍ଡାରିପୋଖରୀ,୨୨।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ସରସଦା ଭାଗବତ ଟୁଙ୍ଗୀ ପରିସରରେ ନଟବର ରାଉଳଙ୍କ 'କାହାଣୀ କୁସୁମ' ଗୁରୁବାର ପାଠକାର୍ପିତ ହୋଇଯାଇଛି। ଶିକ୍ଷାବିତ ହରମୋହନ କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ ଶ୍ରୀବତ୍ସ କରଶର୍ମା ମୁଖ୍ୟଅତିଥି, ମୁଖ୍ୟବକ୍ତା ଇଂ. ଅଭୟ ସୂତାର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମୀକ୍ଷକ ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ, ପ୍ରାଧ୍ୟାପିକା ପ୍ରଭାତ ନଳିନୀ ମହାପାତ୍ର, କବୟତ୍ରୀ ଗୀତାରାଣୀ ଆଇଚ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଅବନୀ ପ୍ରଧାନ, ସାହିତ୍ୟିକ କରୁଣାକର ବେହୁରିଆ, ଡା. କିରଣ ଚନ୍ଦ୍ର ଗୁଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଶ୍ରୀ ରାଉଳ ହିନ୍ଦୀ ଶିକ୍ଷକରୁ ସେବା ନିବୃତ୍ତ ହେବା ପରେ ଏଯାବତ୍ ଗଳ୍ପ, କବିତା ଓ ହିନ୍ଦୀ ଆଦି ମୋଟ ୧୩ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କବି ପୁରୁଷୋତ୍ତମ ଧଳ, କବି ରମାକାନ୍ତ ବେହେରା, ଶିକ୍ଷାବିତ ଅନାଦି ଚରଣ ବାରିକ ଉତ୍ସବରେ ଅଂଶଗ୍ରହଣ କରିଥିଲେ। କବି ଦାମୋଦର ନାୟକ ପ୍ରାରମ୍ଭିକ ସୂଚନା, ଅଧ୍ୟାପିକା ଯୋଗ୍ୟଶ୍ରୀ ସାମଲ ଅତିଥି ପରିଚୟ ଓ କବି ଜଗନ୍ନାଥ ସାମଲ ଧନ୍ୟବାଦ ଦେଇଥିଲେ।

## ବିଘ୍ନେଶ୍ୱରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଆଗରପଡ଼ା,୨୨ ।୨(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ଓ ଚାଇଁପୁର ଛକର ମଧ୍ୟସ୍ଥଳରେ ଅବସ୍ଥିତ ଥିବା ମା'ତାରିଣୀଙ୍କ ମନ୍ଦିର ପରିସରରେ ବିଘ୍ନେଶ୍ୱରଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଚନ୍ଦ୍ରଶେଖର ପୁଷ୍କରିଣୀରୁ ଘଟୋତ୍ତୋଳନ କରାଯାଇ ଏକ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଅଣା ଯାଇଥିଲା। ପରେ ସୂର୍ଯ୍ୟ ପୂଜା, ଧେନୁ ପୂଜା, ସହ ବିଘ୍ନେଶ୍ୱରଙ୍କୁ ଷୋଡଷ ଉପଚାରରେ ପୂଜା ସହ ଯଜ୍ଞ କର୍ମାରମ୍ଭ କରା ଯାଇ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଥିଲା। ମନ୍ଦିର ଉଦ୍ୟୋକ୍ତା କାହ୍ନୁଚରଣ ସାହୁ ଓ ତାଙ୍କ ପତ୍ନୀ ନୟନ ମଞ୍ଜରୀ ସାହୁ ମୁଖ୍ୟ କାର୍ଯ୍ୟ ସଂପାଦନ କରିଥିବା ବେଳେ ପୂଜକ ଭାବେ ଯୋଗାନନ୍ଦ ପଣ୍ଡା, ରଙ୍ଗାଧର ତ୍ରିପାଠୀ, ଲିପୁନ ପଣ୍ଡା, ବୁଦ୍ଧଦେବ ଦାସ, ଗଣେଶ କର, ଆଶୁତୋଷ ତ୍ରିପାଠୀ ପ୍ରମୁଖ ପୂଜାକାର୍ଯ୍ୟ ସଂପାଦନ କରିଥିଲେ। ପ୍ରାକ୍ତନ ଥାନାଧିକାରୀ ହରେକୃଷ୍ଣ ଦାଶ, ପ୍ରଣବ କିଶୋର ମଣ୍ଡଳଙ୍କ ସହ ଶ୍ରୀବନ୍ତପୁର ଓ ଚାଇଁପୁରର ସମସ୍ତ ସେବିକା/ସେବକ ଓ ଭକ୍ତବୃନ୍ଦଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇଥିଲା।

## ମଦରସା ସାଦିକିୟାର ବାର୍ଷିକ ଉତ୍ସବ

# ଜସ୍‌ନେ ଦସ୍ତାରବନ୍ଦୀ ଉତ୍ସବ

ଭଦ୍ରକ,୨୨ ।୨(ସମିସ)

ଭଦ୍ରକ ଆର୍‌ଏମ୍‌ସି ରୋଡ୍ ସ୍ଥିତ ଗୌଶିଆ ନଗରଠାରେ ମଦରସା ସାଦିକିୟା ହବିବିଆର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ 'ଜସନେ ଦସ୍ତାରବନ୍ଦୀ ଉତ୍ସବ' ପାଳନ ହୋଇଥିଲା। ଏହି ଦସ୍ତାରବନ୍ଦୀରେ ହାଫିଜେ-କୁରାନରୁ ଉତ୍ତୀର୍ଣ୍ଣ ହୋଇଥିବା ମଦରସା ସାଦିକିଆ ହବିବିଆର ଜଣେ ଛାତ୍ର ତଥା ଭଦ୍ରକ ଗୁଜିଦରଡ଼ାର ନିବାସୀ ମହମ୍ମଦ କମାଲୁଦ୍ଦିନ ଅଖତରଙ୍କୁ ସାର୍ଟିଫିକେଟ ସହ ମୁଣ୍ଡରେ ପଗଡ଼ି ବାନ୍ଧିଥିଲେ ଏବଂ ଉତ୍ତରୀୟ ଓ ପୁଷ୍ପତୋଡ଼ା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ରାତି ୮ ଘଟିକା ସମୟରେ ଲଙ୍ଗର (ପ୍ରସାଦ) ବଣ୍ଟନ କରାଯାଇଥିଲା ଏବଂ ରାତ୍ରି ୯ ଘଟିକା ସମୟରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଏହି ଧର୍ମସଭାରେ ହାଫିଜ୍ ଓ କାରୀ ମହମ୍ମଦ ନାଫେ ହୋସେନ ହବିବିଙ୍କ ସଭାପତିତ୍ୱରେ ଓ ବଦରୁଦ୍ଦିନ ତୟାବ ସଂଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ମଦରସାର ବରିଷ୍ଠ ଶିକ୍ଷକ ତଥା ସଭାପତି ମୌଲାନା ଗୋଲାମ ସାଦିକ ହବିବିଙ୍କ ଉପଦେଷ୍ଟାରୁ ଆରମ୍ଭ ହୋଇଥିଲା। ଏହି ଧର୍ମସଭାରେ ୟୁପିରୁ ମୁଫତି ମହମ୍ମଦ ଅବୁବକର ହବିବି, ବିହାରରୁ ନାସିର ହୋସେନ, ହାଫିଜ ଓ କାରୀ ଅସରାର ଅହେମଦ, ହାଫିଜ ଓ କାରୀ ବୋଗଦାଦ ରଯା ଯୋଗଦାନ କରି ଇସଲାମ ଧର୍ମର ନିତୀବାଣୀ ଓ ମଦରସାରେ ପଢୁଥିବା ଛାତ୍ର ଉପରେ ଆଲୋକପାତ କରିଥିଲେ ବୋଲି ମଦରସା ସାଦିକିୟା ହବିବିଆର ସଂପାଦକ ଅବଦୁଲ ଦୟାନ ପ୍ରେସ ବିବୃତ୍ତିରେ ଜଣାଇଛନ୍ତ। ମୁଲ୍ଲା ମହମ୍ମଦ ଶହବାଜ, ଆଲେରସୁଲ, ବସିର ଅହେମଦ, ସଫି ଅହେମଦ, ମହମ୍ମଦ ଅଜହର, ହମିଦ ବଖସ, ଏନୁଲ ହକ, ମହମ୍ମଦ ନିଜାମୁଦ୍ଦିନ, ମହମ୍ମଦ ସଲାଉଦ୍ଦିନ, ମସବାହୁଲ କାଦରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଧର୍ମସଭାରେ ପୁରୁଷ ଓ ମହିଳା ମାନେ ଉପସ୍ଥିତ ରହିଥିଲେ ଏବଂ ଏହି ଧର୍ମସଭା ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଚାଲୁ ରହିଥିଲା।



## ବ୍ରାହ୍ମଣପାଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅସୁରାଳି, ୨୨।୨(ସମିସ):** ଧାମନଗର ବ୍ଲକ ବ୍ରାହ୍ମଣପାଳ ସ୍ଥିତ ବ୍ରାହ୍ମଣପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ସ୍ୱପ୍ନନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବଟି ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ଆଗରପଡ଼ା ଟିଚର ଏଜୁକେଟର ନିର୍ମଳ ଚନ୍ଦ୍ର ସେଠୀ, ବରେଣ୍ୟ ଅତିଥି ଭାବେ ଧାମନଗର ଏବିଇଓ ସତ୍ୟସୁନ୍ଦର ପରିଡ଼ା, ସମ୍ମାନିତ ଅତିଥି ଭାବେ ସିଆରସିସି ତୃପ୍ତିରଞ୍ଜନ ବିଶ୍ୱାଳ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ବିଦ୍ୟାଳୟ କମିଟି ସଭାନେତ୍ରୀ ଶୁଭଶ୍ରୀ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମଦନମୋହନ ପତି, ବଳରାମ ରାଉତ, ପିତାମ୍ବର ଦାଶ, ସୌଦାମିନୀ ଲେଙ୍କା, ସୁଧାନନ୍ଦ ଘଡ଼େଇ, ସୁରେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସତ୍ୟବ୍ରତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ଉତ୍ସବ କୁ ପରିଚାଳନା କରିଥିଲେ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ଲିଲିମା ପଣ୍ଡା, ସସ୍ମିତା ମହାଳିକ, ସୁଶ୍ରୀ ସୁଭଲକ୍ଷ୍ମି ନନ୍ଦ ଓ ରେବତି ଦାଶ ପ୍ରମୁଖ। ଏହି ବାର୍ଷିକ ଉତ୍ସବ ରେ ବିଦ୍ୟାଳୟ ରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ବିଜ୍ଞାନ ମେଳା, ଅଭିନୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଡ୍ରାମା ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରି କୃତିତ୍ୱ ଲାଭ କରି ପୁରସ୍କୃତ ହୋଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସମେତ ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷାବିତ ପ୍ରଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

**ଭଣ୍ଡାରୀପୋଖରୀ, ୨୨।୨(ସମିସ):** ଭଣ୍ଡାରୀପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ସରପଦା କ୍ଲବ ପଡ଼ିଆରେ ଶ୍ରୀଜଗନ୍ନାଥ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ନାଟ୍ୟ ମହୋତ୍ସବ ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରେ ପୂଜକ ସୂର୍ଯ୍ୟମଣି ପଣ୍ଡା ଓ ନଟବର ପଣ୍ଡା ମଞ୍ଚ ପୂଜନ କରିଥଲେ ବିଶ୍ୱମ୍ବର ରାଉତଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ସମାଜସେବୀ ଉତ୍କଳକେଶରୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ନାଟ୍ୟ ନିର୍ଦ୍ଦେଶକ ତଥା ଯାତ୍ରା ଅଭିନେତା ମାର୍କଣ୍ଡ ରାଉତ, ସରପଞ୍ଚ ପ୍ରତିନିଧି ମଦନ ରାଉତ, ସମିତିସଭ୍ୟ ରମେଶ ମୁଣ୍ଡା, ବେଣୁଧର ସାହୁ, ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, ମହେଶ୍ୱର ସାହୁ, ସମବାୟ ସମିତି ବୋର୍ଡ଼ ସଦସ୍ୟ ରମେଶ ଭାରତୀ, ଶରତ ଚନ୍ଦ୍ର ବେଉରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଟ୍ୟ ପରିଷଦ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ତଥା ଯାତ୍ରା ଅଭିନେତା ମାର୍କଣ୍ଡ ରାଉତଙ୍କ ନିର୍ଦ୍ଦେଶନାରେ 'ଜନମ ନେଇଛି କାନ୍ଦିବା ପାଇଁ ' ଓ 'ସୁଖ କିଣା ଏଠି ଦୁଃଖ ମାଗଣା' ନାଟକ ପରିବେଷଣ କରାଯାଇଥିଲା। ଏଥିରେ କଳାକାର ମାର୍କଣ୍ଡ ରାଉତ, ଶୁଭେନ୍ଦୁ, ରମେଶ, ପ୍ରମୋଦ, ନୃସିହ, ସତ୍ୟରଞ୍ଜନ, ବିଶ୍ୱମ୍ବର, ଦୀନବନ୍ଧୁ, ଜ୍ୟୋତି ଶଙ୍କର, ପ୍ରଭାତ, ଜିତେନ୍ଦ୍ର, ପ୍ରବୀର, ସନ୍ତୋଷ, ଜଗବନ୍ଧୁ, ଜୟନ୍ତ, ଚୁମୁକି, ବେବି, ତପି, କଣ୍ଢେଇ ପ୍ରମୁଖ ଉଚ୍ଚକୋଟୀର ଅଭିନୟ ପ୍ରଦର୍ଶନ କରିଥିଲେ। ଏହି ୨ରାତ୍ର ଧରି ନାଟ୍ୟ ଉତ୍ସବକୁ ଯାତ୍ରା କମିଟିର କର୍ମକର୍ତ୍ତା ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## କୋହ୍ଲ ୟୁପି ଏମ୍‌ଇ ସ୍କୁଲର ବାର୍ଷିକୋତ୍ସବ



**ତିହିଡି, ୨୨।୨(ସମିସ):** ତିହିଡି ବ୍ଲକ କୋହ୍ଲ ୟୁପି ଏମ୍‌ଇ ସ୍କୁଲର ୬୫ ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ରମାକାନ୍ତ ଦାସ ସଭାପତିତ୍ୱ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ତିହିଡି ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ମୁଖ୍ୟବକ୍ତା ଏୟୁପିଟିଏଫ ଭଦ୍ରକ ଜିଲ୍ଲା ସମ୍ପାଦକ ମନୋରଞ୍ଜନ ନାୟକ, ସମ୍ମାନିତ ବକ୍ତା ବିଆରସିସି ଦାମୋଦର ଜେନା, ସ୍ଥାନୀୟ ସରପଞ୍ଚ କୈଳାସ ପରିଡ଼ା, ସମିତିସଭ୍ୟା ତିଳୋତ୍ତମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପକ୍ଷରୁ ସୃଜନୀ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମଧ୍ୟ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ ହୋଇଥିଲେ। କ୍ରୀଡା ବିଭାଗର କନିଷ୍ଠ ବର୍ଗର ଛାତ୍ର ଆଶୀର୍ବାଦ ମହାନ୍ତି, ବରିଷ୍ଠ ବର୍ଗର ଛାତ୍ର ଶ୍ରୀଭାଶିଷ ସାହୁ ଚାମ୍ପିଅନ ହୋଇ ଟ୍ରଫି ପାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସିଆରସିସି ଚନ୍ଦନ ପାତ୍ର, ଜନ୍ମେଜୟ ସାହୁ, ତ୍ରିନାଥ ସେଠୀ, ପ୍ରଣବ ଦାସଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ମନୋରଞ୍ଜନ ପାଇଁ ସ୍କୁଲ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉତ୍ସବ ପରିଚାଳନାରେ ମହାଶ?ବେତା ବଳ, ସନ୍ଧ୍ୟାରାଣୀ ପାତ୍ର, ଉର୍ମିଳା ସେନାପତି, ପୁଷ୍ପାଞ୍ଜଳି ରଥଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ଆରମ୍ଭ ହେଲା ତୁମ୍ବାପଦି-ସରମରା ରାସ୍ତା ନିର୍ମାଣ

**ଆଗରପଡ଼ା, ୨୨।୨(ସମିସ)**



ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ବିଭିନ୍ନ ଅନୁଦାନ ରାଶିରେ କାଦବରାଙ୍ଗ ପଞ୍ଚାୟତ ଅଧୀନ ୨ନଂ, ୩ନଂ ଓ ୪ନଂ ୱାର୍ଡ଼ ଅର୍ନ୍ତଗତ ବାଙ୍କତିରା ଓ ତୁମ୍ବାପଦୀ ଗ୍ରାମର ଅତି ଶୋଚନୀୟ ଅବସ୍ଥାରେ ଥିବା ରାସ୍ତାକୁ ସ୍ଥାୟୀ ପକ୍କା ରାସ୍ତାରେ ପରିଣତ କରାଯାଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ସଂଯୋଗୀକରଣ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସୂଚନା ବିଭାଗ ତରଫରୁ ଦିଆଯାଇଥିଲା। ବର୍ତ୍ତମାନ ବିଭାଗ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଜିଜିଓ୍ୱାଇ ଇନ୍ଭେଷ୍ଟ ମନି ଯୋଜନାରେ ୭ ଲକ୍ଷ ୫୦ ହଜାର ଟଙ୍କା ଅଟକଳ ମୂଲ୍ୟରେ ତୁମ୍ବାପଦୀ ଲକ୍ଷ୍ମୀ ମଣ୍ଡପ ଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ କଙ୍କ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

ଏଠାରେ ପ୍ରକାଶ ଥାଉକି ଗତ ଜୁଲାଇ ମାସ ୮ ତାରିଖରେ 'ପଞ୍ଚାୟତ ସମିତିର ୮ ଗୋଟି ରାସ୍ତା ଗ୍ରାମ୍ୟ ଉନ୍ନୟନକୁ ହସ୍ତାନ୍ତର ପ୍ରସଙ୍ଗ; ବାଙ୍କତିରା-ତୁମ୍ବାପଦୀ ରାସ୍ତାକୁ ନେଇ ଅସନ୍ତୋଷ ଦାନା ବାନ୍ଧୁଛି' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ପଞ୍ଚାୟତ ସମିତି ବନ୍ତର ୮ ଗୋଟି ବିଭିନ୍ନ ରାସ୍ତା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହେବା ଖବର ପ୍ରକାଶିତ ହେବା ପରେ ବ୍ଲକର ଅନ୍ୟ ପଞ୍ଚାୟତରେ ଲାଗିରହିଥିବା ରାସ୍ତା ସମସ୍ୟାକୁ ନେଇ ଅସନ୍ତୋଷ ଦାନା ବାନ୍ଧୁଥିବା ଜଣାପଡ଼ିଥିଲା। ତନ୍ମଧ୍ୟରୁ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଙ୍କତିରା-ତୁମ୍ବାପଦି ରାସ୍ତା ଅନ୍ୟତମ ଥିଲା। ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାନଯିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦାନା ବାନ୍ଧୁଥିଲା। ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅଧିନ ୨ନଂ, ୩ନଂ ଓ ୪ନଂ ୱାର୍ଡ଼ ଅର୍ନ୍ତଗତ ବାଙ୍କତିରା ଓ ତୁମ୍ବାପଦୀ ଦୁଇଟି ଗାଁ। ଏହି ଦୁଇ ଗ୍ରାମର ଲୋକ ସଂଖ୍ୟା ପାଖାପାଖି ୧୮୦୦। ମାତ୍ର ଏଠାକୁ ଭଲ ରାସ୍ତାଟିଏ ନଥିଲା।

**'ସକାଳ' ପ୍ରଭାବ**

ବାଙ୍କତିରା ସ୍କୁଲ ଠାରୁ ଏକ ମୋରମ ରାସ୍ତା ଏହାକୁ ସଂଯୋଗ କରୁଥିଲା। ଏହି ରାସ୍ତାକୁ ଖରା ଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେଉନଥିଲା। ଅନ୍ୟ ଦିନମାନଙ୍କରେ ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦସଂକୁଳ ଥିଲା। ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ହେଉନଥିଲା। ରାସ୍ତା ଅବସ୍ଥା ଯୋଗୁଁ ଗ୍ରାମବାସୀ ପ୍ରତିଦିନ ବ୍ଲକ ଓ ତହସିଲ ଆଦି କାର୍ଯ୍ୟାଳୟକୁ ଅଧିକ ଦୂରବର୍ତ୍ତୀ ରାସ୍ତାଦେଇ ଯା'ଆସ କରୁଥିଲେ।

ଉକ୍ତ ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ ସୁଦ୍ଧା ପଞ୍ଚାୟତ ସମିତି ବନ୍ତର ୮ଟି ବିଭିନ୍ନ ରାସ୍ତା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିବା ବେଳେ ଉକ୍ତ ରାସ୍ତାକୁ ତାଲିକା ଭୁକ୍ତ କରାଯାଇନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲେ ସୁଦ୍ଧା ଉକ୍ତ ରାସ୍ତାକୁ ନେଇ ପ୍ରଶାସନର ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ତେଣୁ ଉକ୍ତ ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ କିଛି ଦିନ ତଳେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ଏସଏଫସି ଯୋଜନାରେ କାଦବରାଙ୍ଗ ପଞ୍ଚାୟତ ଅର୍ନ୍ତଗତ ୪ ନଂ ୱାର୍ଡ଼ର ତୁମ୍ବାପଦୀ ଗାଁ ରାସ୍ତା କଂକ୍ରିଟ୍ ରାସ୍ତାରେ ପରିଣତ ହୋଇଥିବା ବେଳେ ପରେ ଏସଏଫସି ଯୋଜନାରେ ଦୁଇ ଲକ୍ଷ ଅଟକଳ ମୂଲ୍ୟରେ ବାଙ୍କତିରା ଗ୍ରାମର ବିଶ୍ୱମ୍ବର ଯେନା ଘର ଠାରୁ ବାଙ୍କତିରା ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ୍ ରାସ୍ତାରେ ପରିଣତ କରାଯାଇଥିଲା। ବର୍ତ୍ତମାନ ବିଭାଗ ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୭ ଲକ୍ଷ ୫୦ ହଜାର ଅଟକଳ ମୂଲ୍ୟରେ ତୁମ୍ବାପଦୀ ଲକ୍ଷ୍ମୀ ମଣ୍ଡପ ଠାରୁ ସରମରା ପ୍ରଧାନମନ୍ତ୍ରୀ ସଡ଼କ ପର୍ଯ୍ୟନ୍ତ କଙ୍କ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ମଞ୍ଜୁରୀ ରୋଡ୍, ୨୨।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ୨ସପ୍ତାହ ଧରି ଚାଲିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ନିର୍ଗୁଣ୍ଡି ପଞ୍ଚାୟତଠାରେ ସରପଞ୍ଚ ସତ୍ୟବ୍ରତ ପାଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ସମିତିସଭ୍ୟା ରଞ୍ଜିତ ଜେନା, ବରିଷ୍ଠ ନେତା ସୁରେନ୍ଦ୍ର ପାଲ, ବଂଶୀଧର ବେହେରା ଉପସ୍ଥିତ ଥିଲେ। ସେହିଭଳି ଜଳମଣ୍ଡୁଆ ପଞ୍ଚାୟତ ପକ୍ଷରୁ ସମିତିସଭ୍ୟ ଜଗତ ଜୀବନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବିଡିଓ ଦେବଦତ୍ତ ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ନାଟ୍ୟକାର ଅରୁଣ ବାରିକ, ମହିଳାନେତ୍ରୀ ତନୀମା ରାଉତ, ପିଇଓ ନରେନ୍ଦ୍ର ରାଉତ, ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନଗୁଆଁ ପଞ୍ଚାୟତ ପକ୍ଷରୁ ଜୟନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ସଚେତନତା ଶିବିରରେ ବିଧାୟକ ଓ ମହିଳା ନେତ୍ରୀ ମାନସୀ ନାୟକ, ପିଇଓ ରବିନାରାୟଣ ପାତ୍ର, ନିଳାମ୍ବର ସାହୁ ଉପସ୍ଥିତ ଥିଲେ। ବୟା ବନାପୁର ପଞ୍ଚାୟତ ଠାରେ ସାଂସଦଙ୍କ ପ୍ରତିନିଧି ଲଳିତ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକଙ୍କ ସମେତ ବରିଷ୍ଠ ନେତା ଲକ୍ଷ୍ମୀଧର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ବଦ୍ରିନାରାୟଣ ରାଉତ, ଯୁବନେତା ସତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଭଦ୍ରକ, ୨୨।୨(ସମିସ):** ଭଦ୍ରକ ଟାଉନ ହଲ ଠାରେ ଆଜି ଭଦ୍ରକ ବ୍ଲକ ପ୍ରଶାସନ ପକ୍ଷରୁ ୩୧୯୦ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବ୍ଲକର ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ଅନ୍ୟ ବର୍ଗର ହିତାଧିକାରୀଙ୍କୁ ଏହି ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ତେଫୁଜ୍-ଏ-ଇମାନ୍ କନ୍‌ଫରେନ୍ସ କାର୍ଯ୍ୟକ୍ରମ



**ଧାମନଗର, ୨୨।୨(ସମିସ):** ଧାମନଗର ପ୍ରସିଦ୍ଧ ପୀଠ ଖାନକା ସରିଫ ପରିସରରେ ଅଲ ଇଣ୍ଡିଆ ତବ୍‌ଲିଗ୍ ସିରତ ଆନୁକୂଲ୍ୟରେ ତେଫୁଜ୍-ଏ-ଇମାନ କନଫରେନ୍ସ (ସୁନି ଇଜତେମା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଇଜ୍‌ତେମାରେ ରାଜ୍ୟର ବିଭିନ୍ନ ଜିଲ୍ଲା ଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟରୁ ମୁସଲମାନ ସମ୍ପ୍ରଦାୟର ପ୍ରାୟ ୨୦ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବୁଧବାର ଖାନକା ସରିଫ ମତଲ୍ଲି ସୟଦ ଗୋଲାମ ମହମ୍ମଦ ହବିବିଙ୍କ ସଭାପତିତ୍ୱରେ ଆୟୋଜିତ ଇଜତେମାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ବିଶିଷ୍ଟ ନାମିଦାମୀ ମୌଲାନା ମୁଫତି ସହେଜାଦ ଆଲାମ (ବରେଲି ସରିଫ୍), ଫେଜାନେ ମୁସ୍ତାଫା (ଲକ୍ଷ୍ନୌ), ସାଏର ସୟଦ ଅବଦୁଲ ୱାସି (ମୁମ୍ବାଇ) ଓ ଅନ୍ୟ ବିଭିନ୍ନ ମୌଲାନା ମାନଙ୍କ ଦ୍ୱାରା କୋରାନ ପାଠ, ତକରିର, କବି ସମ୍ମିଳନୀ ମାଧ୍ୟମରେ ଭକ୍ତ ମାନଙ୍କୁ ଧାର୍ମିକ ବାଣୀ ସମ୍ପର୍କରେ ସୂଚନା ଦେଇଥିଲେ। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ର ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଏସପି, ଜଣେ ଏସଡିପିଓ, ଧାମନଗର ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଭଣ୍ଡାରିପୋଖରୀ ଆଇଆଇସି, ଏସ୍‌ଆଇ, ଏଏସଆଇଙ୍କ ସମେତ ଅନ୍ୟ ଅଧିକାରୀ ଏବଂ ପୁଲିସ ଫୋର୍ସ ଉପସ୍ଥିତ ରହି ଟ୍ରାଫିକ ଉପରେ ଦୃଷ୍ଟି ରଖିବା ସହିତ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ତିହିଡ଼ି, ୨୨।୨(ସମିସ):** ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ ଅଧୀନ ନରେନ୍ଦ୍ରପୁର, ଯାମଜୋଡି ଓ ରାଜନଗର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅମୁଲ୍ୟ ମାଝୀ, ପ୍ରିନ୍ସ୍ ରାକେଶ ନାୟକ ଓ ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନରେଶ ମାଝୀ, ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ ଓ ଗୌରୀମଣି ପାଣିଗ୍ରାହୀ, ୯ଟି ପଞ୍ଚାୟତ ଦାୟିତ୍ୱରେ ଥିବା ମାନସ ରଞ୍ଜନ ନାୟକ, ସୁବାଶ ସେଠୀ, ମାନସ ସାହୁ, ଅମର ନାୟକ, ଜିତେନ୍ଦ୍ର ପାଣି, ତାପସ ରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହୋଇଥିବା ଜନକଲ୍ୟାଣ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗଣେଶ ପାତ୍ର, ଶରତ ପଣ୍ଡା, ଦାମୋଦର ଧଳ, ଦୀନବନ୍ଧୁ ମହାକୁଡ, ସତ୍ୟାନନ୍ଦ ଧଳ, ଭାରତୀ ବାରିକ, ଜାଗୃତି ପଣ୍ଡା, ସୁନିତା ପାଢ଼ୀ, ଅଜୟ ରାଉତ, ଆଲୋକ ରାଉତଙ୍କ ସମେତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରଏସ, ମହିଳା ମହାସଂଘ ଓ ମହିଳା ମଣ୍ଡଳର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିବା ବେଳେ ଶହସ୍ରାଧିକ ମହିଳା ଓ ପୁରୁଷ ଯୋଗଦେଇ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ସାଇ ସୋଫିଆ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଚାନ୍ଦବାଲି, ୨୨।୨(ସମିସ):** ଚାନ୍ଦବାଲି ବରେହିଁପୁର ସ୍ଥିତ ସାଇ ସୋଫିଆ ପବ୍ଲିକ ସ୍କୁଲର ୫ମ ବାର୍ଷିକ ଉତ୍ସବ ସ୍ଥାନୀୟ କାଳୀପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେସ ରାୟ ଯୋଗଦେଇ ଉଦ୍ଘାଟନ କରିଥିଲେ। ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଅଧ୍ୟାପକ ଶାନ୍ତନୁ ମହାନ୍ତି, ସ୍କୁଲ ଟ୍ରଷ୍ଟ ବୋର୍ଡ଼ ମେମ୍ବର ଖଗେଶ୍ୱର ବଳ, ସ୍କୁଲ କମିଟି ଚେୟାରମେନ ସନ୍ତୋଷ ସାମଲ ଓ ସ୍କୁଲ ଚେୟାରମ୍ୟାନ ଦିଲ୍ଲୀପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ସ୍କୁଲ ପ୍ରିନ୍ସିପାଲ ବଳରାମ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ସୁନୟନା ବିଶ୍ୱାଳ, ଅମ୍ବିକା ଜତି, ସାଲିନି ଅଗ୍ରୱାଲା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦିତା ବେହେରା, ରଶ୍ମିତା ମୁଦୁଲି, ନୀଲମ ନାୟକ, ଅପରାଜିତା ପଡ଼ିହାରି, ଅବନ୍ତି ସାହୁ, ସଂଗୀତା ସାହୁ, ଚିନ୍ମୟୀ ମୁଦୁଲି, ମକରଧର ମହାଳିକ, ସରୋଜିନୀ ମହାରଣା, ଶ୍ରଦ୍ଧାଞ୍ଜଳି ଦଳାଇ, ଚିନ୍ମୟୀ ସହୁ, ସନ୍ଧ୍ୟାରାଣି ବେହେରା, ଦେବସ୍ମିତା କରଣ ଓ ମାନା ମହାଳିକ ପ୍ରମୁଖ ବିଦ୍ୟାଳୟର କର୍ମଚାରୀ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଯୁବ ଗୋଷ୍ଠୀଙ୍କ ପ୍ରେରଣାର ଉତ୍ସ ନିଶିକାନ୍ତ

**ଆଗରପଡ଼ା, ୨୨।୨(ସମିସ)**




ବନ୍ତ ବ୍ଲକ ଚାରିଗାଁ ଚାରିଗାଁ ଗ୍ରାମର ଉଚ୍ଚ ଶିକ୍ଷିତ ଯୁବକ ନିଶିକାନ୍ତ ସାହୁ ଶୀତତାପ ନିୟନ୍ତ୍ରିତ ବ୍ରଏଲର ଫାର୍ମ ସହ ମତ୍ସ୍ୟ ଓ ପନିପରିବା ଚାଷ କରି ସେଥିରୁ ଭଲ ରୋଜଗାର କରିବା ସହ ଅନ୍ୟ ଯୁବ ଗୋଷ୍ଠୀଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ନିକଟରେ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ମତ୍ସ୍ୟ ଓ ପଶୁ ସଂପଦ ମେଳାରେ ତାଙ୍କୁ ସମ୍ମାନିତ କରାଯାଇଛି। ଚାରିଗାଁ ଗ୍ରାମର ଶିକ୍ଷକ ଉମାକାନ୍ତ ସାହୁଙ୍କ ପୁତ୍ର ନିଶିକାନ୍ତ ବାଣିଜ୍ୟ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ ପରେ ସରକାରୀ ଚାକିରି ଅନ୍ୱେଷଣରେ ବାହାରି ନିରାଶ ହେବାପରେ ନିଜଗୋଡ଼ରେ ନିଜେ ଠିଆ ହେବାକୁ ପ୍ରୟାସ ଆରମ୍ଭ କରିଥିଲେ। ଦିନେ ଆଗରପଡ଼ାରେ ପଶୁସଂପଦ ବିଭାଗ ପକ୍ଷରୁ ଶିକ୍ଷିତ ଯୁବକମାନଙ୍କୁ କର୍ମ ସଂସ୍ଥାନ ପାଇଁ ଏକ ବୈଠକ ସହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଥିଲା। ଉକ୍ତ ବୈଠକରେ ନିଶିକାନ୍ତ ଯୋଗଦେଇ ସ୍ୱାବଲମ୍ବୀ ହେବାର ପ୍ରେରଣା ପାଇଥିଲେ। ପରେ ନିଜର ଗ୍ରାମରେ ଥିବା ନିଜସ୍ୱ ବୃତ୍ତି ଉପରେ ୨୦୨୩ ମସିହାରେ ଏକ ଶୀତତାପ ନିୟନ୍ତ୍ରିତ ବ୍ରଏଲର କୁକୁଡ଼ା ଫାର୍ମ କରିଥିଲେ। ସେଥିରେ ତିନି ସିପ୍ଟରେ କୁକୁଡ଼ା ପାଳନରେ ସମସ୍ତ ଖର୍ଚ୍ଚ ଯାଇ ଏବେ ସେଥିରୁ ଦେଢ଼ଲକ୍ଷ ଟଙ୍କା ଲାଭ ହେଉଥିବାର ପ୍ରକାଶ କରିଛନ୍ତି ନିଶିକାନ୍ତ। ଏଥି ସହ ମଧ୍ୟ ଫାର୍ମ ପାଖରେ ପୋଖରୀ ଖୋଳି ସେଥିରେ ମାଛଚାଷ ସହ ତାହାର ଆଡ଼ିରେ ବିଭିନ୍ନ କିଶମର ପନିପରିବା ଚାଷ କରୁଛନ୍ତି। ଏହି ଚାଷରେ ସେ ଆତ୍ମସନ୍ତୋଷ ପାଇବା ସହ ସେଥିରୁ ଭଲ ଅର୍ଥ ରୋଜଗାର କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ପରିବାରକୁ ସୁଚାରୁରୁପେ ଚଳାଇ ପାରୁଛନ୍ତି। ଏହି ବ୍ଲକରେ ବହୁ କୁକୁଡ଼ା ଫାର୍ମ ଥିଲେ ମଧ୍ୟ ନିଶିକାନ୍ତଙ୍କ ଫାର୍ମ ଭିନ୍ନ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲୁ ଥିବାରୁ କୁକୁଡ଼ା ପାଳନ ପାଇଁ କିଛି ଅସୁବିଧା ହେଉନାହିଁ। ଏହାକୁ ସୁଚାରୁରୁପେ ସଂପାଦନ ପାଇଁ ତାଙ୍କ ପରିବାରର ସଦସ୍ୟମାନେ ସହଯୋଗ କରନ୍ତି। ତାଙ୍କର ଏହି ଫାର୍ମ ପାଇଁ ସେ ବନ୍ତ ବ୍ଲକର ଅଗ୍ରଣୀ ତଥା ଏକ ନମ୍ବର ଉଦ୍ୟମୀ ଚାଷୀ ତାଲିକାରେ ସ୍ଥାନ ପାଇଛନ୍ତି।

## ଜୀବିକା ସହାୟତା ରାଶି ବଣ୍ଟନ

**ଧାମନଗର, ୨୨।୨(ସମିସ):** ପରିବାର ପିଛା ୧୦୦୦ ଟଙ୍କା ଲେଖାଏଁ ଜୀବିକା ସହାୟତା ରାଶି ପ୍ରଦାନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ବିଡିଓ ବନବିହାରୀ ଦିନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରତାପ ସାମଲ, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଯୋଗାଣ ଅଧିକାରିଣୀ ଅନିବସନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୪୦ଜଣ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତ ନୋଡାଲ ଅଧିକାରୀମାନେ ପ୍ରତ୍ୟେକ ସରକାରୀ ସ୍ୱୀକୃତିପ୍ରାପ୍ତ ରିଟେଲର କେନ୍ଦ୍ରରେ ଉପସ୍ଥିତ ରହି ହିତାଧିକାରୀଙ୍କୁ ପ୍ରଦାନ କରିବେ। ଗିରିଜାପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ଭଦ୍ରକରେ ବିତରଣ କ୍ୟାମ୍ପ ୯୦ଜଣ**

## ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ



**ଭଦ୍ରକ, ୨୨।୨(ସମିସ):** ଭଦ୍ରକ ବ୍ଲକ ପରିସରରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗରେ ରାଷ୍ଟ୍ରୀୟ ଭାୟଶ୍ରୀ ଯୋଜନାରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ଏକ ବିତରଣ କ୍ୟାମ୍ପ କରାଯାଇଥିଲା। ଏହି ବିତରଣ କ୍ୟାମ୍ପରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ୯୦ଜଣ ବିଭିନ୍ନ ବର୍ଗର ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ସୀତାକାନ୍ତ ରାଉତଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ବରିଷ୍ଠନେତା ଯୋଗେନ୍ଦ୍ର ଘଡେଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିତରଣ କ୍ୟାମ୍ପରେ ୯୦ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ, ବ୍ୟଟେରୀ ଚାଳିତ ସାଇକଲ ଆଦି ବିଭିନ୍ନ ଉପକରଣ ପ୍ରଦାନ କରିଥିଲେ।

